RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -13 | ସଂଖ୍ୟା-୧୩
ଭୁବନେଶ୍ୱର, ବୁଧବାର ୧୮ ମାର୍ଚ୍ଚ ୨୦୨୬
Bhubaneswar, Wednesday 18 March, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# କଂଗ୍ରେସରୁ ନିଲମ୍ବିତ ହେଲେ ୩ ବିଧାୟକ



ଭୁବନେଶ୍ୱର, ୧୭।୩: ରାଜ୍ୟ ସଭା ନିର୍ବାଚନରେ ଏଥର ମଧ୍ୟ କଂଗ୍ରେସରେ ଗଡ଼ବଡ଼ ପରିଲକ୍ଷିତ ହୋଇଛି। କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ, ରମେଶ ଜେନା ଏବଂ ସୋଫିଆ। ଫିର୍ଦୋସ ପାର୍ଟିର 'ହୁଇପ୍'କୁ ନ ମାନି କ୍ରସ୍ ଭୋଟିଂ କରିଥିଲେ। ଏବେ କଂଗ୍ରେସ ଏହି ୩ ଜଣଙ୍କୁ ଦଳରୁ ନିଲମ୍ବିତ କରିଛି। ଆଇନ(ସିଡ୍ୟୁଲ-୧୦) ଅନୁଯାୟୀ, ସମ୍ପୃକ୍ତ ତିନିଜଣଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସଭା ନିର୍ବାଚନକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଏଥର ଅଧିକ ତତ୍ପରତା ପ୍ରକାଶ ପାଇଥିଲା। ପିସିସି ସଭାପତି ଦଳର ୧୪ ବିଧାୟକଙ୍କ ସହିତ ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ଏକତ୍ର କରି ରଖିବାପାଇଁ ବହୁତ ଉଦ୍ୟମ କରିଥିଲେ। ୮ଜଣ ବିଧାୟକଙ୍କୁ ସାଙ୍ଗରେ ନେଇ ବେଙ୍ଗାଲୁରୁ ଯାଇଥିଲେ। ଏହାବାଦ୍ ଓଡ଼ିଶାରେ ରହିଥିବା ୬ଜଣ ବିଧାୟକଙ୍କ ମଧ୍ୟରୁ ୩ଜଣ ପାର୍ଟି କଥା ମାନି ନ ଥିଲେ। ଭକ୍ତ କହିଛନ୍ତି, ଦାଶରଥି ଦଳପ୍ରତି ବିଶ୍ୱାସଘାତକତା କରିଛନ୍ତି। ରମେଶ ମୋତେ ଭେଟି ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଦେବେ ବୋଲି କଥା ଦେଇଥିଲେ। ହେଲେ ସେ ଧୋକା ଦେଇଛନ୍ତି। ତାଙ୍କ ଭବିଷ୍ୟତକୁ ମଧ୍ୟ ଅନ୍ଧାରକୁ ଠେଲି ଦେଇଛନ୍ତି। ସେହିପରି ସୋଫିଆ। ଝିଅଙ୍କ ବଡ଼ ଭବିଷ୍ୟତ ଥିବାବେଳେ ସେ ମଧ୍ୟ ଭୁଲ୍ ରାସ୍ତାରେ ଯାଇଛନ୍ତି। ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଚିଠି ଲେଖିବୁ। ଆବଶ୍ୟକ ପଡ଼ିଲେ ସୁପ୍ରିମକୋର୍ଟ ଯିବୁ ବୋଲି ଭକ୍ତ କହିଛନ୍ତି।ସେ କହିଛନ୍ତି, ଏମାନେ ଗଣମାଧ୍ୟମ ସମ୍ମୁଖରେ କଥା ହେଲାବେଳେ ସିଂହ ଭଳି ହେଉଛନ୍ତି, ମାତ୍ର କାର୍ଯ୍ୟରେ ମୂଷା ଓ ଛେଳି ଭଳି ବିକ୍ରି ହୋଇଯାଉଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଘୋଡ଼ା ବେପାର ପଶିଯିବାରୁ ବିଧାୟକମାନେ ଏଭଳି ଭାବେ ନିୟମ ବିରୋଧ କାର୍ଯ୍ୟ କରିଛନ୍ତି।

କଂଗ୍ରେସରୁ ବହିଷ୍କୃତ ବିଧାୟକ ମହମ୍ମଦ ମୋକିମ ନିଲମ୍ବିତ ବିଧାୟକମାନଙ୍କୁ ବଡ଼ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଏହି ବିଧାୟକମାନେ ଗୋଟିଏ ପ୍ଲାଟଫର୍ମରେ ସାମିଲ ହୁଅନ୍ତି। ସେ କହିଛନ୍ତି, କଂଗ୍ରେସ ଦଳ ଝିଅ ସୋଫିଆଙ୍କୁ ଅଣଦେଖା କରୁଥିଲା। ମୋତେ ବହିଷ୍କାର ପରେ ତାଙ୍କୁ ବେଶି ଅଣଦେଖା କରାଯାଉଥିଲା। କଟକରେ କାହାକୁ ଦଳରେ ମିଶାଇଲେ ବି ଜଣାଉ ନ ଥିଲେ। ଏପରିକି ଦଳର ମହିଳା କାର୍ଯ୍ୟକ୍ରମକୁ ମଧ୍ୟ ତାଙ୍କୁ ନ ଥିଲେ। ଯଦି ଦଳ ତାଙ୍କୁ ବହିଷ୍କାର କରେ ଓଡ଼ିଶା-ଜନତା-କଂଗ୍ରେସ ପାଇଁ କାମ କରିବ।

## ବାଚସ୍ପତିଙ୍କୁ ଚିଠି ଲେଖିଲେ ରାମଚନ୍ଦ୍ର କାଡ଼ାମ, ୩ ବିଧାୟକଙ୍କ ସିଟ୍

ଭୁବନେଶ୍ୱର, ୧୭।୩(ନି.ପ୍ର.):: ବାଚସ୍ପତିଙ୍କୁ ଚିଠି ଲେଖିଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ।ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି, କ୍ରସ ଭୋଟିଂ କରିଥିବା ୩ ବିଧାୟକଙ୍କ ସିଟ୍ ବିଧାନ ସଭାରେ ପରିବର୍ତ୍ତନ କରିବା ପାଇଁ। ସେମାନଙ୍କୁ ଦଳ ନିଲମ୍ବନ କରିଥିବାରୁ ଗୃହରେ ସିଟ୍ ବଦଳାଯାଉ। ସେମାନଙ୍କ ବିରୋଧରେ ଦଳ-ବଦଳ ବିରୋଧୀ ଆଇନ ଲାଗୁ କରାଯାଉ ବୋଲି କାଡ଼ାମ କହିଛନ୍ତି। ରାଜ୍ୟ ସଭା ନିର୍ବାଚନରେ ଏଥର ମଧ୍ୟ କଂଗ୍ରେସରେ ଗଡ଼ବଡ଼ ପରିଲକ୍ଷିତ ହୋଇଛି। କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ, ରମେଶ ଜେନା ଏବଂ ସୋଫିଆ। ଫିର୍ଦୋସ ପାର୍ଟିର 'ହୁଇପ୍'କୁ ନ ମାନି କ୍ରସ୍ ଭୋଟିଂ କରିଥିଲେ। ଏବେ କଂଗ୍ରେସ ଏହି ୩ ଜଣଙ୍କୁ ଦଳରୁ ନିଲମ୍ବିତ କରିଛି। ଆଇନ(ସିଡ୍ୟୁଲ-୧୦) ଅନୁଯାୟୀ, ସମ୍ପୃକ୍ତ ତିନିଜଣଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଗୁଜରାଟରେ ପହଞ୍ଚିଲା ଏଲପିଜି ଟ୍ୟାଙ୍କର

ଗୁଜରାଟ, ୧୭।୩(ନି.ପ୍ର.): ଭାରତର ଉର୍ଜା କ୍ଷେତ୍ର ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି ଏଲପିଜି ଟ୍ୟାଙ୍କର 'ନନ୍ଦାଦେବୀ' । ଆଜି ସକାଳେ ଏହି ଜାହାଜ ସୁରକ୍ଷିତ ଭାବେ ଗୁଜରାଟର ଭାଦିନାର ବନ୍ଦରରେ ପହଞ୍ଚିଛି। ଏହି ଜାହାଜରେ ପ୍ରାୟ ୪୭,୦୦୦ ମେଟ୍ରିକ୍ ଟନ୍ ତରଳ ପେଟ୍ରୋଲିୟମ ଗ୍ୟାସ୍ ବା ଏଲପିଜି (ଖଚଏ) ରହିଛି। ଚଳିତ ସପ୍ତାହରେ ବିପଦପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିବାରେ ଏହା ଦ୍ୱିତୀୟ ଭାରତୀୟ ଜାହାଜ ଭାବେ ସଫଳତା ପାଇଛି।

ପୂର୍ବରୁ ଏହି ଜାହାଜଟିକୁ କାଣ୍ଡଲା ବନ୍ଦରରେ ଡକ୍ କରିବା ପାଇଁ ସ୍ଥିର କରାଯାଇଥିଲା, କିନ୍ତୁ ଏହାକୁ ପ୍ରାଥମିକତା ଭିତ୍ତିରେ ଅନଲୋଡ୍ କରିବା ପାଇଁ ଭାଦିନାର ବନ୍ଦରକୁ ପଠାଯାଇଛି। ସୂଚନାଯୋଗ୍ୟ ଯେ, ଗତ ସୋମବାର ରାତିରେ ଏହାର ଅନ୍ୟ ଏକ ଜାହାଜ 'ଶିବାଲିକ୍' ମଧ୍ୟ ୪୬,୦୦୦ ମେଟ୍ରିକ୍ ଟନ୍ ଏଲପିଜି ନେଇ ମୁନ୍ଦ୍ରା ବନ୍ଦରରେ ସୁରକ୍ଷିତ ଭାବେ ପହଞ୍ଚିଥିଲା। ଉଭୟ ଜାହାଜର ମିଳିତ ପ୍ରୟାସରେ ମୋଟ ୯୨,୭୦୦ ମେଟ୍ରିକ୍ ଟନ୍ ଏଲପିଜି ଭାରତରେ ପହଞ୍ଚିଛି, ଯାହାକି ସମଗ୍ର ଦେଶର ଦିନକର ଆମଦାନୀ ଆବଶ୍ୟକତା ସହ ସମାନ। ଏଥିରୁ ୨୪,୦୦୦ ମେଟ୍ରିକ୍ ଟନ୍ ଏଲପିଜି କେବଳ ତାମିଲନାଡୁ ପାଇଁ ସଂରକ୍ଷିତ ରଖାଯାଇଛି। ଦୀନଦୟାଲ ପୋର୍ଟ ଅଥରିଟିର ଚେୟାରମ୍ୟାନ୍ ସୁଶୀଲ କୁମାର ସିଂହ ମଧ୍ୟ ଜାହାଜ ପରିଦର୍ଶନ କରିଛନ୍ତି।

ଭାରତୀୟ ଏବଂ ଇରାନୀ ନୌସେନାର ମିଳିତ ସହଯୋଗରେ ଏହି ଜାହାଜଗୁଡ଼ିକର ଯାତ୍ରା ସଫଳ ହୋଇପାରିଛି। ସରକାରୀ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ହର୍ମୁଜ ପ୍ରଣାଳୀର ପଶ୍ଚିମ ଭାଗରେ ୨୨ଟି ଭାରତୀୟ ପତାକାବାହୀ ଜାହାଜ ରହିଥିବାବେଳେ ସେଥିରେ ୬୧୧ ଜଣ ଭାରତୀୟ ନାବିକ ଅଛନ୍ତି। ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି ଏବଂ ଗତ ୨୪ ଘଣ୍ଟା ମଧ୍ୟରେ କୌଣସି ଅପ୍ରୀତିକର ଘଟଣା ଘଟିନାହିଁ। ଏହାଛଡ଼ା, ୟୁଏଇରୁ ୮୧,୦୦୦ ଟନ୍ ମୁର୍ବାନ୍ ଅଶୋଧିତ ତୈଳ ନେଇ 'ଜଗ ଲାଡ଼କୀ' ନାମକ ଆଉ ଏକ ଜାହାଜ ବର୍ତ୍ତମାନ ମୁନ୍ଦ୍ରା ବନ୍ଦର ଅଭିମୁଖେ ଯାତ୍ରା କରୁଛି।

ଗତ ଫେବୃଆରୀ ୨୮ରୁ ଆମେରିକା-ଇସ୍ରାଏଲ-ଇରାନ ମଧ୍ୟରେ ଲାଗିରହିଥିବା ବିବାଦ ଯୋଗୁଁ ହର୍ମୁଜ ପ୍ରଣାଳୀ ବନ୍ଦ ରହିଛି। ଭାରତ ଏହାର ଶକ୍ତି ଆବଶ୍ୟକତା (୮୮% ଅଶୋଧିତ ତୈଳ, ୬୦% ଏଲପିଜି ଏବଂ ୫୦% ପ୍ରାକୃତିକ ଗ୍ୟାସ୍) ପାଇଁ ଏହି ମାର୍ଗ ଉପରେ ନିର୍ଭରଶୀଳ। ଏହି ସଙ୍କଟ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି ଯେ ପାଶ୍ଚାତ୍ୟ ସାମରିକ ସୁରକ୍ଷା ଉପରେ ନିର୍ଭର କରିବା ଅପେକ୍ଷା ଇରାନ ସହ ସିଧାସଳଖ ଆଲୋଚନା ଓ ସମନ୍ୱୟ ରକ୍ଷା କରିବା ଦ୍ୱାରା ଏହି ସଫଳତା ମିଳିପାରିଛି। ଇନ୍ଧନ ସଙ୍କଟ ଦୂର କରିବାରେ କେନ୍ଦ୍ର ସରକାରଙ୍କ ପାଇଁ ଏହା ଏକ ବଡ଼ ରାଜନୈତିକ ଲାଇଫଲାଇନ୍ ଭାବେ ବିବେଚନା କରାଯାଉଛି।

# କାବୁଲରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍, ୪୦୦ ମୃତ

ନୂଆଦିଲ୍ଲୀ୧୭।୩(ନି.ପ୍ର.):: ପାକିସ୍ତାନ ଦ୍ୱାରା କାବୁଲରେ ହୋଇଥିବା ବଡ ଧରଣର ଏୟାରଷ୍ଟ୍ରାଇକରେ ବଡ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟିଛି । ପାକିସ୍ତାନର ଏମିତି କାପୁରୁଷପଣ କାର୍ଯ୍ୟକୁ ନେଇ କଡା ପ୍ରତିକ୍ରିୟା ଦେଇଛି ଭାରତ। ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାକୁ ନେଇ କଡା ବୟାନ ଜାରି କରି କହିଛି ଯେ, ଏହା ଅମାନବୀୟ ଓ ନିନ୍ଦନୀୟ। ଏହା ସହିତ ଅନ୍ତର୍ଜାତୀୟ ସମୁଦାୟକୁ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି।ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କାବୁଲ ସ୍ଥିତ ଓମିଦ ଏଡିକ୍ସନ



ଟ୍ରିଟମେଣ୍ଟ ହସ୍ପିଟାଲରେ ହୋଇଥିବା ଏୟାରଷ୍ଟ୍ରାଇକର କଡା ନିନ୍ଦା କରିଛି । ମନ୍ତ୍ରଣାଳୟ ଅନୁସାରେ, ମାର୍ଚ୍ଚ ୧୬ ରାତିରେ ଏହି ହମଲା ବର୍ବର, କାପୁରୁଷପଣ ଓ ଅମାନବୀୟ ଅଟେ ।ଏଥିରେ ବହୁ ସଂଖ୍ୟାରେ ନିର୍ଦ୍ଦୋଷ ନାଗରିକଙ୍କ ପ୍ରାଣହାନୀ ଘଟିଛି।

ପାକିସ୍ତାନଏବଂ ଆଫଗାନିସ୍ତାନ ମଧ୍ୟରେ ପରିସ୍ଥିତି କ୍ରମଶଃ ଉତ୍ତେଜନାପୂର୍ଣ୍ଣ ହେବାରେ ଲାଗିଛି। ଗତ କିଛି ଦିନ ଧରି ଉଭୟ ଦେଶ ପରସ୍ପର ଉପରେ ଲଗାତାର ଆକ୍ରମଣ କରିଆସୁଛନ୍ତି। ଆଫଗାନିସ୍ତାନ ଅଭିଯୋଗ କରିଛି, ସୋମବାର-ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନ କାବୁଲର ଏକ ହସ୍ପିଟାଲ ଉପରେ ଏୟାର୍ ଷ୍ଟ୍ରାଇକ୍ କରିଛି। ତାଲିବାନ ଦାବି କରିଛି ଯେ ଏହି ଆକ୍ରମଣରେ ୪୦୦ ଜଣ ଲୋକଙ୍କ ଜୀବନ ଯାଇଛି। କାବୁଲରେ ଏକ ନିଶା ପୁନର୍ବାସ କେନ୍ଦ୍ର ଉପରେ ପାକିସ୍ତାନୀ ସେନାର ବୋମାମାଡ଼ ପରେ ଇସଲାମିକ୍ ଏମିରେଟ୍ ଅଫ୍ ଆଫଗାନିସ୍ତାନର ଉପ ମୁଖପାତ୍ର ହମଦୁଲ୍ଲା ଫିତରତ କହିଛନ୍ତି ଯେ ମୃତ୍ୟୁ ସଂଖ୍ୟା ୪୦୦କୁ ବୃଦ୍ଧି ପାଇଛି ଏବଂ ଆହତଙ୍କ ସଂଖ୍ୟା ୨୫୦ରେ ପହଞ୍ଚିଛି।

ହୋଇଥିବା ଆକ୍ରମଣରେ ହସ୍ପିଟାଲର ଏକ ବଡ଼ ଅଂଶ ନଷ୍ଟ ହୋଇଯାଇଛି। ଉଦ୍ଧାରକାରୀ ଦଳ କୋଠାରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରିବା ଏବଂ ପୀଡିତଙ୍କ ମୃତଦେହ ଉଦ୍ଧାର କରିବା ଜାରି ରଖିଛନ୍ତି। ଆଫଗାନିସ୍ତାନରେ ହୋଇଥିବା ଏହି ଆକ୍ରମଣରେ ଶହ ଶହ ଲୋକ ପ୍ରାଣ ହରାଇଛନ୍ତି। ତାଲିବାନ ଦାବି କରିଛି ଯେ ଏହି ଆକ୍ରମଣ ପାକିସ୍ତାନ ଦ୍ୱାରା କରାଯାଇଛି ଏବଂ କହିଛି ଯେ ଏପରି ଆକ୍ରମଣ ମାନବତା ବିରୋଧୀ।

ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କହିଛି ଯେ, ଏହି

## ଦୃଢ ପ୍ରତିବାଦ କଲା ଭାରତ

ହସ୍ପିଟାଲ ଏମିତି ଏକ ସଂସ୍ଥା ଥିଲା, ଯାହା ଉପରେ କୌଣସି ବି ସ୍ଥିତିରେ ସୈନ୍ୟ ଲକ୍ଷ୍ୟ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ। ପାକିସ୍ତାନ ଏହି ଘଟଣାକୁ ସାମରିକ କାର୍ଯ୍ୟାନୁଷ୍ଠାନ ବୋଲି କହିଛି।ମନ୍ତ୍ରଣାଳୟ କହିଛି ଯେ, ପାକିସ୍ତାନର ଏହି କାର୍ଯ୍ୟାନୁଷ୍ଠାନ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ସିଧାସଳଖ ହମଲା ।ଏହା କ୍ଷେତ୍ରୀୟ ଶାନ୍ତି ଓ ସ୍ଥିରତା ପାଇଁ ଗମ୍ଭୀର ବିପଦ ଉତ୍ପନ୍ନ କରିପାରେ ।ଏହି ପଦକ୍ଷେପ ପାକିସ୍ତାନର ବେପରୁଆ ମନୋଭାବକୁ ଦର୍ଶାଉଛି। ପାକିସ୍ତାନ ସର୍ବଦା ନିଜର ଆଭ୍ୟନ୍ତରୀଣ ସମସ୍ୟାରୁ ଧ୍ୟାନ ହଟାଇବା ପାଇଁ ସୀମାରେ ହିଂସାର ସାହାରା ନେଇ ଆସୁଛି ।ବୈଦେଶିକ ମନ୍ତ୍ରଣାଳୟ ଏହା ମଧ୍ୟ କହିଛି ଯେ, ରମଜାନର ପବିତ୍ର ମାସରେ ଏହି ଧରଣର ହମଲା ଆହୁରି ନିନ୍ଦନୀୟ । ଏହି ସମୟ ଶାନ୍ତି, ଆତ୍ମମନ୍ଥନ ଓ ଦୟାର ହୋଇଥାଏ । ଏମିତିରେ ହସ୍ପିଟାଲ୍ ଓ ରୋଗୀଙ୍କୁ ଟାର୍ଗେଟ୍ କରିବା କୌଣସି ବି ଧର୍ମ କିମ୍ବା ଆଇନତଃ ଉଚିତ ନୁହେଁ ।

# ଏସସିବି ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି

କଟକ, ୧୭।୩(ନି.ପ୍ର.): କଟକ ଏସସିବି ମେଡିକାଲ ଅଗ୍ନିକାଣ୍ଡରେ ମତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି ଘଟିଛି। ଏ ନେଇ ବିଧାନସଭାରେ ଉତ୍ତର ରଖିବା ବେଳେ ସ୍ପଷ୍ଟ କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ। ମିଳିଥିବା ସୂଚନା ଅନୁଯାୟୀ କଟକ ଏସସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ନିଆଁ ଲାଗି ୧୦ ଜଣଙ୍କର ମୃତ୍ୟୁ ଘଟିଥିଲା। ଯେଉଁ ୱାର୍ଡରେ ନିଆଁ ଲାଗିଥିଲା, ସେଠାରେ ସେହି ସମୟରେ ପ୍ରାୟ ୨୨ ଜଣ ରୋଗୀ ଚିକିତ୍ସିତ ହେଉଥିଲେ। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ରୋଗୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସମୟ ମିଳିନଥିଲା। ଫଳରେ ଅଧିକାଂଶ ରୋଗୀ ଶ୍ୱାସରୁଦ୍ଧ ହୋଇ ଏବଂ ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଏକାଧିକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ।ଏହି ଘଟଣା ପରେ ମେଡିକାଲ ପରିସରରେ ଏକ ଶୋକାକୁଳ ଓ ଆତଙ୍କିତ ପରିବେଶ ସୃଷ୍ଟି ହୋଇଛି । ବାକି ରୋଗୀମାନଙ୍କୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ୮ ବିରୋଧୀ ସାଂସଦଙ୍କ ନିଲମ୍ବନ ପ୍ରତ୍ୟାହାର

ନୂଆଦିଲ୍ଲୀ୧୭।୩(ନି.ପ୍ର.): ସଂସଦରେ ଜାରି ରହିଥିବା ସରକାର-ବିରୋଧୀ ମୁହାଁମୁହିଁ ସ୍ଥିତିରେ ସାମୟିକ ବିରାମ ଘଟିଛି। ଦୀର୍ଘ ଦିନର କଳ୍ପନାଜଳ୍ପନା ଓ ବିରୋଧ ପ୍ରଦର୍ଶନ ପରେ ଶେଷରେ ଲୋକସଭାରୁ ନିଲମ୍ବିତ ହୋଇଥିବା ୮ ଜଣ ବିରୋଧୀ ସାଂସଦଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ନିଆଯାଇଛି। ମଙ୍ଗଳବାର ଦିନ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଗୃହରେ ଏକ ସଂକଳ୍ପ ଆଗତ କରିବା ପରେ ବାଚସ୍ପତି ଓମ୍ ବିର୍ଲା ଏହାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପଦକ୍ଷେପ ଫଳରେ ଗତ ଫେବୃଆରୀ ୩ ତାରିଖରୁ ଗୃହ ବାହାରେ ଥିବା ସାଂସଦମାନେ ପୁଣି ଥରେ ସଂସଦୀୟ କାର୍ଯ୍ୟଧାରାରେ ସାମିଲ ହେବାର ସୁଯୋଗ ପାଇଛନ୍ତି।

ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଗୃହର ମଧ୍ୟଭାଗକୁ ଆସି କାଗଜ ଫିଙ୍ଗିବା ଓ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ବାଚସ୍ପତି ୮ ଜଣ ସାଂସଦଙ୍କୁ ସମ୍ପୂର୍ଣ୍ଣ ଅଧିବେଶନ ପାଇଁ ନିଲମ୍ବିତ କରିଥିଲେ। ନିଲମ୍ବିତ ସାଂସଦଙ୍କ ମଧ୍ୟରେ କଂଗ୍ରେସର ମାନିକମ ଟାଗୋର, ଅମରିନ୍ଦର ସିଂହ ରାଜା ୱାରିଂ, ଗୁରଜିତ ସିଂହ ଆଉଜଲା, ହିବି ଏଡେନ, ଡିନ୍ କୁରିଆକୋସେ, ପ୍ରଶାନ୍ତ ପାଡୋଲେ, କିରଣ କୁମାର ରେଡ୍ଡୀ ଓ ସିପିଆଇର ଏସ. ଭେଙ୍କଟେସନ ସାମିଲ ଥିଲେ। ଏହି ନିଷ୍ପତ୍ତି ପରେ ବିରୋଧୀ ସାଂସଦମାନେ ସଂସଦ ପରିସରରେ ଥିବା ''ମକର ଦ୍ୱାର'' ନିକଟରେ କ୍ରମାଗତ ଧାରଣା ଦେଇ ଆସୁଥିଲେ। ନିଲମ୍ବନ ପ୍ରତ୍ୟାହାର ପ୍ରସ୍ତାବ ଆଣିବା ସମୟରେ ମନ୍ତ୍ରୀ କିରେନ ରିଜିଜୁ ଗୃହର ସୁଗମ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ, ସଂସଦୀୟ ପରମ୍ପରାକୁ ବଜାୟ ରଖିବା ପାଇଁ ସଦସ୍ୟମାନେ ଏକ 'ଲକ୍ଷ୍ମଣ ରେଖା' ମାନି ଚଳିବା ଆବଶ୍ୟକ। ସେହିପରି ବାଚସ୍ପତି ଓମ୍ ବିର୍ଲା ମଧ୍ୟ ସଦସ୍ୟମାନଙ୍କୁ ଭବିଷ୍ୟତରେ ଗୃହ ମଧ୍ୟରେ ପ୍ଲାକାର୍ଡ କିମ୍ବା ଏଆଇ ପ୍ରତିଛବି ବ୍ୟବହାର କରି ଗୃହର ଗାରିମା କ୍ଷୁଣ୍ଣ ନକରିବାକୁ ଚେତାବନୀ ଦେଇଛନ୍ତି।



ସାଂସଦମାନଙ୍କ ପୁନଃସ୍ଥାପନକୁ ବିରୋଧୀ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ପ୍ରିୟଙ୍କା ଗାନ୍ଧୀ ଏହାକୁ ଏକ ସକାରାତ୍ମକ ପଦକ୍ଷେପ ବୋଲି କହିବା ସହ ସେ କହିଛନ୍ତି ଯେ, ଗୃହର ମର୍ଯ୍ୟାଦା ରକ୍ଷା କରିବା ଉଭୟ ଶାସକ ଓ ବିରୋଧୀଙ୍କ ଦାୟିତ୍ୱ। ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର କହିଛନ୍ତି, ସହକର୍ମୀଙ୍କ ପ୍ରତିବାଦର ଦୁଃଖଦ ଚକ୍ର ଶେଷ ହେବା ଖୁସିର କଥା। ସେମାନଙ୍କ ଅନୁପସ୍ଥିତି ଗଣତନ୍ତ୍ର ପାଇଁ କ୍ଷତିକାରକ ଥିଲା। ଆଶା କରୁଛୁ ଉଭୟ ପକ୍ଷ ଭଲ ଆଚରଣ ପ୍ରଦର୍ଶନ କରିବେ।

# ଏନଏଚଆରସି ଆହ୍ୱାନ; ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ

କଟକ, ୧୭।୩(ନି.ପ୍ର.): କଟକର ଏସ୍‌ସିବି ମେଡିକାଲ୍‌ରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ଗୁରୁତ୍ୱର ସହିତ ନେଇଛି ଏନ୍‌ଏଚ୍‌ଆରସି। ଏହି ଘଟଣା ସମ୍ପର୍କରେ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆରସି ପକ୍ଷରୁ ବିସ୍ତୃତ ରିପୋର୍ଟ ତଲବ କରାଯାଇଛି। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ମନୋଜ ଜେନା ମାମଲା ରୁଜୁ କରି ମୃତକଙ୍କ ପରିବାର ଏବଂ ଆହତଙ୍କୁ କ୍ଷତିପୂରଣ ସହ ଅଘଟଣ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରାର୍ଥନା କରି ଏନ୍‌ଏଚ୍‌ଆରସିରେ ଏହି ମାମଲା ରୁଜୁ କରିଥିଲେ। ଏନ୍‌ଏଚ୍‌ଆରସି ସଦସ୍ୟ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ମାମଲାର ଶୁଣାଣି କରି ମୁଖ୍ୟ ଶାସନ ସଚିବଙ୍କୁ ୧୫ ଦିନ ଭିତରେ ସବିଶେଷ ରିପୋର୍ଟ ତଲବ କରିଛନ୍ତି।

ଖବର ଅନୁସାରେ, ହସ୍ପିଟାଲ ଭିତରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ରୋଗୀମାନଙ୍କ ସୁରକ୍ଷା, ଅଗ୍ନିନିର୍ବାପଣ ବ୍ୟବସ୍ଥା ଓ ପରିଚାଳନାରେ ଅବହେଳା ନେଇ ଗଭୀର ଚିନ୍ତା ପ୍ରକାଶ କରାଯାଇଛି। ଏହା ମାନବ ଅଧିକାର ଉଲ୍ଲଂଘନ ସହ ସମ୍ପୃକ୍ତ ହୋଇପାରେ ବୋଲି ଏନ୍‌ଏଚ୍‌ଆରସି ମନେ କରିଛି। କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି ଯେ, ଘଟଣାର କାରଣ, କ୍ଷତି, ଆହତଙ୍କ ଅବସ୍ଥା, ଏବଂ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ। ସେଥିପାଇଁ ହସ୍ପିଟାଲରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା କେତେ ଦୃଢ଼ ଅଛି, ତାହା ମଧ୍ୟ ରିପୋର୍ଟ ତଲବ କରିବାକୁ କୁହାଯାଇଛି।

## ଡାହୁକ



ଦେଇ ବହୁମତ ଯେଉଁ ସର୍କାରକୁ
କୁଣ୍ଡେଇକି ଆମେ ଧଇଲେ
ସଉକେଇକି ପଟି ମାରଇଲେ
ଏମିତିକା ଭେଟି ଥୋଇଲେ
ଅଖା ଧୋଉଥିବା ଗୁଣ ଗାଉଥିବା
ବଙ୍କା ହେବ ନେଇଁ କହିଲେ

-ବିଧୁ

## ବୋମା ବିସ୍ଫୋରଣରେ ଯୁବକ ଗୁରୁତର

ପିପିଲି:ବୋମା ଭିଡୁଥିବା ସମୟରେ ବିସ୍ଫୋରଣ ଘଟି ଯୁବକ ଗୁରୁତର। ଘଟଣାଟି ପିପିଲି ଡେଲାଙ୍ଗ ଥାନା ଅଞ୍ଚଳରେ ଘଟିଛି। ଡେଲାଙ୍ଗା ଥାନା ନିକଟରେ ଥିବା ଏକ ଜଙ୍ଗଲରେ ବୋମା ଭିଡୁଥିବା ବେଳେ ଏହି ଅଘଟଣ ଘଟିଛି। ସୂଚନାଯୋଗ୍ୟ ବିସ୍ଫୋରଣରେ ଯୁବକଙ୍କ ହାତ ପାପୁଲି ଛିଡି ଯାଇଛି।

# ଅପରେସନ ସାଇବର କବଚର ସଫଳତା : ୩୭୯ ଜଣ ଗିରଫ, ୭୫୪୯ ଜଣଙ୍କୁ ନୋଟିସ୍

ଭୁବନେଶ୍ୱର: ଫେବୃଆରୀ ମାସରୁ ଆରମ୍ଭ ହୋଇଥିବା 'ଅପରେସନ ସାଇବର କବଚ' କୁ ଏକ ମାସ ବିତି ସାରିଲାଣି । ଏହି ଏକ ମାସ ମଧ୍ୟରେ ରାଜ୍ୟ ପୋଲିସ ମୋଟ ୩୯,୭୧୪ ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିଛି । ୧୩୧୫ ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ, ୩୬ଟି ଏଟିଏମ୍ ଟଙ୍କା ଉଠାଣ, ୪୭ଟି ଚେକ୍ ଟଙ୍କା ଉଠାଣ, ୨୪ ଟି ନକଲି ସିମ୍/PoS ଯାଞ୍ଚ କରାଯାଇଛି। ଏହାସହ ୩୭୯ ଜଣ ଅଭିଯୁକ୍ତଙ୍କୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ, ନକଲି ସିମ, ଏଟିଏମ ଟଙ୍କା ଉଠାଣ ଏବଂ ଚେକ୍ ଟଙ୍କା ଉଠାଣ ମାମଲାରେ ଗିରଫ କରାଯାଇଛି। ୭୫୪୯ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ପୋଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଏ ନେଇ ସାମ୍ବାଦିକ ସମ୍ମିଳୀରେ ସୂଚନା ଦେଇଛନ୍ତି ଡିଜିପି ୱାଇ ବି ଖୁରାନିଆ। ।

ସାଇବର ଅପରାଧ ଓ ଆର୍ଥିକ ଠକେଇ ବିରୁଦ୍ଧରେ ଓଡ଼ିଶା ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ରାଜ୍ୟବ୍ୟାପୀ ହୋଇଥିବା ସ୍ୱତନ୍ତ୍ର ଅଭିଯାନ ଅପରେସନ ସାଇବର କବଚ ରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗତ ୧୩ ଫେବୃଆରୀରୁ ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ ସାଇବର ଠକେଇର ମୂଳ ଆଧାର ଥିବା ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଓ ନକଲି ସିମ୍ ନେଟୱର୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପୋଲିସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଝାରସୁଗୁଡ଼ା, ସମ୍ବଲପୁର, ରାଉରକେଲା, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ନୂଆପଡା, ଭୁବନେଶ୍ୱର, କଟକ, ବାଲେଶ୍ୱର, ଭଦ୍ରକ, ପୁରୀ, ଯାଜପୁର ଓ ଢେଙ୍କାନାଳ ଭଳି



ଜିଲ୍ଲାରେ ମ୍ୟୁଲ୍ ଆକାଉଣ୍ଟ ନେଟୱର୍କ, ନକଲି ସିମ୍ ବ୍ୟବହାର, ଅନଲାଇନ ବେଟିଂ, ହାୱାଲା ଟ୍ରାଞ୍ଜାକସନ ଓ କ୍ରିପ୍ଟୋ କରେନ୍ସି ମାଧ୍ୟମରେ ହେଉଥିବା ଠକେଇ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାସହ ଅନେକ ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ଗିରଫ କରାଯିବା ସହ ବହୁ ସଂଖ୍ୟକ ସିମ୍ କାର୍ଡ, ଏଟିଏମ କାର୍ଡ, ଡିଜିଟାଲ ଡିଭାଇସ ଓ ଅନ୍ୟାନ୍ୟ ଦସ୍ତାବିଜ ଜବତ କରାଯାଇଛି।ଏହି ଅଭିଯାନ ସମୟରେ ବିଭିନ୍ନ ଜିଲ୍ଲା ପୋଲିସ ଅନେକ ଗୁରୁତ୍ୱପୂର୍ଣ୍ଣ ସାଇବର ଅପରାଧ ଏବଂ ଅପରାଧୀଙ୍କୁ ଧ୍ୱଂସ କରାଯାଇଛି।

ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ଥାନାରେ ପଞ୍ଜୀକୃତ ଏକ ମାମଲାରେ ପ୍ରାୟ ୫.୨୫ କୋଟି ଟଙ୍କାର ଆନ୍ତଃରାଜ୍ୟ ମ୍ୟୁଲ୍ ଆକାଉଣ୍ଟ ଗ୍ୟାଙ୍ଗକୁ ଗିରଫ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଉତ୍ତର ପ୍ରଦେଶର ମୁଖ୍ୟ ଅଭିଯୁକ୍ତ ସହ ୬ ଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ଏକ ମାମଲାରେ ୧୨ କୋଟି ଟଙ୍କାର ମ୍ୟୁଲ୍ ଆକାଉଣ୍ଟ ସମ୍ପର୍କିତ ଅଭିଯୋଗରେ ୬ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଲଇକେରା ଥାନାରେ ପଞ୍ଜୀକୃତ ଏକ ମାମଲାରେ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଛି। ଅଭିଯୁକ୍ତ ଜଣକ ୪୨ଟି ମ୍ୟୁଲ୍ କିଟ୍ ଡାଇଭର୍ଟ କରି "୨.୮୬ କୋଟି ଟଙ୍କାର କାରବାର ସମ୍ପର୍କରେ ତଥ୍ୟ ହସ୍ତଗତ ହୋଇଛି।ସେହିପରି ସମ୍ବଲପୁର ଜିଲ୍ଲା ପୋଲିସ ୧.୩ କୋଟି ଟଙ୍କାର ଏକ ମ୍ୟୁଲ୍ ଆକାଉଣ୍ଟ ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାଶ ୫ ଜଣଙ୍କୁ ଗିରଫ କରିଛି। ସେହିପରି ଅନ୍ୟ ଏକ ୩୨ ଲକ୍ଷ ଟଙ୍କାର ଏକ ଠକେଇ ମାମଲାରେ ଦିଲ୍ଲୀରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ରାଉରକେଲା ଜିଲ୍ଲା ପୋଲିସ ମ୍ୟୁଲ୍ ଆକାଉଣ୍ଟ, ଅନଲାଇନ ବେଟିଂ ଓ ହାୱାଲା ଟ୍ରାଞ୍ଜାକ୍ସନ ସମ୍ପର୍କିତ ଏକ ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରିବା ସହ ୩୦.୬୫ ଲକ୍ଷ ଟଙ୍କା ଜବତ କରିଛି। କେନ୍ଦୁଝର ଜିଲ୍ଲା ପୋଲିସ ୫୮ ଟି ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ଠକେଇ କରୁଥିବା ଘଟଣାର ତଦନ୍ତ କରି ୧.୧୪ କୋଟି ଟଙ୍କାର ଅର୍ଥ କାରବାରର ପ୍ରମାଣ ପାଇ ୫ ଜଣଙ୍କୁ ଗିରଫ କରିଛି। ସୁନ୍ଦରଗଡ଼ ଜିଲ୍ଲା ପୋଲିସ ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ଏକ ପରିବାରର ସଦସ୍ୟମାନଙ୍କୁ ବ୍ୟବହାର କରି ୪.୧୯ କୋଟି ଟଙ୍କାର ଠକେଇ କରିଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି।

ଗଞ୍ଜାମ ଜିଲ୍ଲା ପୋଲିସ ଏକାଧିକ ମାମଲା ରୁଜୁ କରି ପ୍ରାୟ କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିଛି। ବେଗୁନିଆପଡା ଥାନା ପୋଲିସ ୨ କୋଟି ଟଙ୍କାର ଠକେଇ ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି। ଛତ୍ରପୁର ପୋଲିସ ୧ କୋଟି ଟଙ୍କାର କ୍ରିପ୍ଟୋ କରେନ୍ସି ଠକେଇ ଘଟଣାରେ ୪ ଜଣଙ୍କୁ ଗିରଫ କରିଛି। ସେହିପରି ବୁଗୁଡା ପୋଲିସ ୪ କୋଟି ଟଙ୍କା ଏବଂ ଆସିକା ପୋଲିସ ୧.୫ କୋଟି ଟଙ୍କା ଠକେଇ ଘଟଣାରେ ୪ ଜଣଙ୍କୁ ଗିରଫ କରିଛି। ନୂଆପଡା ପୋଲିସ ପ୍ରାୟ ୩ କୋଟି ଟଙ୍କାର ଆନ୍ତଃରାଜ୍ୟ ଠକେଇରେ ବ୍ୟବହୃତ ୩ଟି ମ୍ୟୁଲ୍ ଆକାଉଣ୍ଟ ଚିହ୍ନଟ କରି ୬ ଜଣଙ୍କୁ ଗିରଫ କରାଯାଇଛି।ଭୁବନେଶ୍ୱର ୟୁପିଡିରେ ଜାଲ କଣଉ ଓ ପ୍ରି-ଆକ୍ଟିଭେଟେଡ୍ ସିମ୍ ବ୍ୟବହାର କରୁଥିବା ଏକ ସଂଗଠିତ ଜାତୀୟ ମ୍ୟୁଲ୍ ସିଣ୍ଡିକେଟ୍ ଗ୍ୟାଙ୍ଗ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ବିଳାସପୂର୍ଣ୍ଣ କାର୍, ମ୍ୟାକବୁକ୍ ଓ ୩୭ଟି ଡେବିଟ୍ କାର୍ଡ ଜବତ କରାଯାଇଛି। ସେହିପରି କଟକ ୟୁପିଡିରେ ୨୯.୩୩ କୋଟି ଟଙ୍କାର ମ୍ୟୁଲ୍ ଆକାଉଣ୍ଟ ନେଟୱର୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବ୍ୟାପକ ପରିମାଣର ସିମ୍ କାର୍ଡ, ସୁନା ଓ ଯାନବାହନ ଜବତ କରାଯାଇଛି।



# ପ୍ରସିଦ୍ଧ ବଟେଶ୍ୱର ଶୈବପୀଠକୁ ରାସ୍ତା ନିର୍ମାଣରେ ବିଳମ୍ବ

ଗଞ୍ଜାମ,୧୭।୩:(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଂଚାୟତ ର କଣ୍ଟିଅ। ଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବଟେଶ୍ୱର ପୀଠରୁ ଜାତୀୟ ରାଜପଥ ୧୬କୁ ସଂଯୋଗ ରାସ୍ତା ନିର୍ମାଣ ଧୀନ କାର୍ଯ୍ୟ ରେ ବିଳମ୍ବ ଯୋଗୁଁ ପର୍ଯ୍ୟଟକମାନେ ଅସୁବିଧା ଭୋଗ ଥିବା ବେଳେ ଏହି ରାସ୍ତା ଉପରେ ଯାତାୟତ ପାଇଁ ନିର୍ଭର କରିଥିବା ୩ ଗ୍ରାମର ଲୋକଙ୍କୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ଯାହାକୁ ନେଇ ବଟେଶ୍ୱର ଐତିହ ସଂରକ୍ଷଣ କମିଟିପକ୍ଷରୁ ଅନୁଷ୍ଠିତ ଏକ ବୈଠକ ରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି । ଏନେଇ କମିଟି ପକ୍ଷରୁ ଜିଲ୍ଲାପାଳ ଙ୍କୁ ଅବଗତ କରିବାକୁ ନିଷ୍ପତି ହୋଇଥିବା ସୂଚନା ମିଳିଛି ।ସୋମବାର, ସଂକ୍ରାନ୍ତି ରେ ବର୍ତମାନ ବଟେଶ୍ୱର ପୀଠ କୁ ଭକ୍ତ ଙ୍କ ଭିଡ଼ ହେଉଥିବା ବେଳେ ରାସ୍ତାର ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ରାସ୍ତା ପାର୍ଶ୍ୱ ରେ ଖୋଳି ପକାଯାଇଥିବା ଯୋଗୁଁ ଯାନବାହାନ ଯିବା ଆସିବାରେ ଅସୁଥିବା ସୃଷ୍ଟି ହେଉଛି ।ଛରି ମାସ ହେଲା ଖୋଳି ପଡ଼ିଥିବା ଯୋଗୁଁ ଠିକାଦାର ଜଣକ ଉକ୍ତ କାର୍ଯ୍ୟ ପାଇଁ ତତ୍ପରତା ନଥିବା ଜଣାପଡୁଛି ।ଏହା ବିଳମ୍ବ ଯୋଗୁଁ ଦୃଘଟଣା ମଧ୍ୟ ହେଉଛି । ପର୍ଯ୍ୟଟକ ପ୍ରତେକ ଦିନ ବର୍ତମାନ ଆସୁଥିବା ବେଳେ ରାସ୍ତା ପାଇଁ ହୋଇଛି ।ପ୍ରାୟ ୫କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଟେଣ୍ଡର ମାଧ୍ୟମରେ କାର୍ଯ୍ୟଦେଶ ପାଇଥିବ । ଠିକାଦାର ଜଣକ କିନ୍ତୁ ନିର୍ମାଣ କାର୍ଯ୍ୟ ରେ



ଠିକ ଭାବେତ୍ୱରାନ୍ୱିତ କରୁନାହିଁ । ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ବଟେଶ୍ୱର ମନ୍ଦିର ପରିଚ୍ଛଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି । ଜିଲ୍ଲାପାଳ ଏବଂ ବିଭୀଗୀୟ ଉଚ୍ଚ କର୍ତ୍ତୃପକ୍ଷ ଙ୍କୁ ଅବଗତ କରିଯିବା ନେଇ ନିଷ୍ପତି ହୋଇଥିବା ମନ୍ଦିର ପରିଚ୍ଛଳନା କମିଟି ପକ୍ଷରୁ ସୂଚନା ମିଳିଛି । ସମସ୍ୟା ସୃଷ୍ଟି ହେଉଛି । ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ୬ ଖଣ୍ଡ ଗ୍ରାମର ଜନସାଧାରଣ ପକ୍ଷରୁ ଦାବୀ ହେଉଛି । ପ୍ରକାଶ ଯୋଗ୍ୟ ଯେ ଉକ୍ତ ରାସ୍ତା ଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି । ରାସ୍ତା ନିର୍ମାଣ ପାଇଁ ଉକ୍ତ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ

## ନବରଙ୍ଗପୁର ରେଳପଥ ପ୍ରକଳ୍ପର ନୂଆ ଅଧ୍ୟାୟ ଆରମ୍ଭ

# ଭୂମି ଅଧିଗ୍ରହଣ ବାବଦ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୭।୩:(ମନ୍ଥନ) ସ୍ଥାନୀୟ ତହସିଲଦାର ,ନବରଙ୍ଗପୁର ଙ୍କ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ଜୟପୁର ରେଳପଥ ପ୍ରକଳ୍ପ ସକାଶେ ଭୂମି ଅଧିଗ୍ରହଣ ବାବଦ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଲୋକସଭା ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜମି ଅଧିଗ୍ରହଣ ଯୋଗୁଁ ଜମି ହରାଇଥିବା ୮ ଜଣ ବ୍ୟକ୍ତିଙ୍କୁ ମୋଟ ୨୪ କୋଟି ୫୭ ଲକ୍ଷ ୬୮ ହଜାର ୮୧୩ ଟଙ୍କା ର ଅର୍ଥରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।ତହସିଲଦାର ଭୁଲେଶ୍ୱର ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ କୁ ପରିଚ୍ଛଳନା କରିଥିଲେ । ଏହି ପ୍ରକଳ୍ପ ନିମନ୍ତେ ନବରଙ୍ଗପୁର ଏବଂ ନନ୍ଦାହାଣ୍ଡି ତହସିଲ ର ୬ ଟି ମୌଜା ର ୬.୩୧୩ ଏକର ଜମି ଅଧିଗ୍ରହଣ କରାଯାଇଛି ଏବଂ ବଳକା ୦.୫୮୮ ଏକର ଜମିର ଅଧିଗ୍ରହଣ ପ୍ରକ୍ରିୟା ରେ ଅଛି ।




ନବରଙ୍ଗପୁର ତହସିଲର କେଶରିଗୁଡ଼ା ମୌଜା ରେ ୩୦.୧୫୫ ଏକର ଜମି ଓଡ଼ିଶା ସରକାରଙ୍କ ପାଖରେ ବିଚ୍ଛରଧିନ ଅଛି । ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶ କ୍ରମେ ଜମି ଅଧିଗ୍ରହଣ କାମ ଆରମ୍ଭ ହେବ । ମାନ୍ୟବର ସାଂସଦ ନିଜ ବକ୍ତବ୍ୟରେ ୨୦୧୬ ରୁ କଳ୍ପନା କରିଥିବା ନବରଙ୍ଗପୁର ରେଳପଥ ଆଜି ଆରମ୍ଭ ହୋଇଥିବା ଜମି ଅଧିଗ୍ରହଣ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମକୁ ନିଜ ଜୀବନର ଏକ ସ୍ମରଣୀୟ ଘଟଣା ହୋଇ ରହିବ ଏବଂ ଏହି ରେଳ ପ୍ରକଳ୍ପ ନବରଙ୍ଗପୁର ଜିଲ୍ଲା ବାସୀଙ୍କ ବହୁ ଦିନର ଦାବି ଓ ସ୍ୱପ୍ନକୁ ପୂରଣ କରିବ ବୋଲି କହିଥିଲେ । ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଜମି ଅଧିଗ୍ରହଣ ରେ ନିଜ ପୈତୃକ ଜମି ହରାଇଥିବା ବ୍ୟକ୍ତିଙ୍କୁ ଜିଲ୍ଲାର ପ୍ରଗତିରେ ନିଜ ର ଯୋଗଦାନକୁ ଜିଲ୍ଲାବାସୀ ସବୁଦିନ ମନେ ରଖିବେ ବୋଲି କହିବା ସହ ସରକାର ଙ୍କ କ୍ଷତି ପୂରଣ ଆର୍ଥିକ ସହାୟତା ରେ ସନ୍ତୁଷ୍ଟ ନ ହେଲେ ଉଚ୍ଚ କର୍ତ୍ତୃପକ୍ଷ ଠାରେ ଆବେଦନ କରିପାରିବେ ବୋଲି କହିଥିଲେ । ପ୍ରସ୍ତାବିତ ଜୁନାଗଡ - ନବରଙ୍ଗପୁର ,ନବରଙ୍ଗପୁର - ଜୟପୁର ଏବଂ ମାଲକାନଗିରି - ଭଦ୍ରାଚଳମ ମୋଟ ୪୬୦ କିମି ସ୍ୱାଧୀନ ଭାରତର ଦ୍ୱିତୀୟ ବୃହତ୍ତମ ରେଳପଥ ପ୍ରକଳ୍ପ ଅଟେ ଏବଂ ଏହା ୨୦୨୯ -୩୦ ସୁଦ୍ଧା ସମ୍ପୂର୍ଣ୍ଣ ହେଲେ ନବରଙ୍ଗପୁର ଜିଲ୍ଲା ର ଆର୍ଥିକ ଅଭିବୃଦ୍ଧି ରେ ବଡ ସହାୟକ ହେବ ବୋଲି ସାଂସଦ କହିଥିଲେ । କାର୍ଯ୍ୟକ୍ରମରେ ଜମି ହରାଇଥିବା ବ୍ୟକ୍ତି, ବରିଷ୍ଠ ଆଇନଜୀବି ଝାଡେଶ୍ୱର ଖାଡ଼ଙ୍ଗା,ଜ୍ୟୋତି ରଞ୍ଜନ କଂସ,ଡିଆଇପିଆର୍ ଓ ମନୋଜ ବେହେରା,ବି ଡି ଓ ସୁନିଲ ଖରାଙ୍କ ସମେତ ଅନେକ ଚାଷୀ, ବୁଦ୍ଧିଜୀବି, ସ୍ଥାନୀୟ ଜନ ସାଧାରଣ,ତହସିଲ କାର୍ଯ୍ୟାଳୟ କର୍ମଚାରୀ,ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ରାସ୍ତାକାମ ସରୁ ସରୁ ରାସ୍ତାରୁ ଉଠିଲାଣି ଗୋଡି, ପାର୍ଶ୍ୱରୁ ଖାଇଲାଣି ଅତଡା

ମାହାଙ୍ଗା, ୧୭।୩:(ମନ୍ଥନ)ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଂଚାୟତ ଅର୍ନ୍ତଗତ ଗୋବିନ୍ଦପୁର ଠାରୁ ସାହାନିଆଜପୁର ଗ୍ରାମ୍ୟଉନ୍ନୟନରାସ୍ତାର ଶିଳାନ୍ୟାସ ତା ୬.୧.୨୦୨୪ରିଖରେ ତତ୍କାଳୀନ ବିଧାୟକ ପ୍ରତାପ ଜେନା ଶୁଭଶିଳାନ୍ୟାସ କରିଥିଲେ। ରାସ୍ତାକାମ ଶେଷ ହେବାକୁ ପାଖାପାଖି ୨ବର୍ଷ ସମୟ ଲାଗିଥିଲା। ୮ନମ୍ବର କେନାଲର ଶାଖା କେନାଲ ୮ଏଫ୍ କେନାଲ ଯାହାକି ଆପିଲୋ ଜହ୍ନିଆ ବଜାର ଠାରୁ ବାହାରି ଭଦ୍ରେଶ୍ୱର ପଂଚାୟତର ଝାଡେଶ୍ୱରପୁର,ଗୋବିନ୍ଦପୁର ଓ ସାହାନିଆଜପୁର ଦେଇ ଯାଇଛି। ଏହି କେନାଲ ଉପରେ ରାସ୍ତାକାମ ନିର୍ମାଣ କରାଯାଇଛି। ଝାଡେଶ୍ୱରପୁର କଲେଜ ନିକଟସ୍ଥ କେନାଲବନ୍ଧ ରାସ୍ତାର ପାର୍ଶ୍ୱର ମାଟି ଅତଡା ଯୋଗୁ ରାସ୍ତା ଖୁବ୍ କମ୍ ଦିନ ଭିତରେ ଖରାପ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ଗୋବିନ୍ଦପୁର ଓ



ସାହାନିଆଜପୁର କେନାଲ ବନ୍ଧରାସ୍ତା ଢ଼ଳେଇ କାର୍ଯ୍ୟ ଅତିନିମ୍ନମାନର ହୋଇଥିବାରୁ ଢ଼ଳେଇରୁ ଗୋଡି ଉଠିଗଲାଣି। ଅପରପକ୍ଷରେ କୋଟି କୋଟି ଟଙ୍କା ବିନିମୟରେ ରାସ୍ତାକାର୍ଯ୍ୟ ହେଉଥିଲେ ମଧ୍ୟ କୌଣସିଠାରେ ଫଳକ ମରାଯାଇ ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାକାର୍ଯ୍ୟ ଚାଲିଥିଲା ସମୟରେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁ ରାସ୍ତାର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟଯୋଗୁ ଢ଼ଳେଇରାସ୍ତାରୁ ଗୋଡି ଉଠିଗଲାଣି। ଏଣୁ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବା ସହ ରାସ୍ତା ନିର୍ମାଣ କାର୍ଯ୍ୟର ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଠିକାଦାର ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସର୍ବସାଧାରଣରେ ଦାବି ହେଉଛି।

# ପପୁ ପରିଡାଙ୍କ ସ୍ମୃତି କୁ ଉଦଜୀବିତ କରି ରଖିବାକୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ

ପାରାଦୀପ,୧୭।୩:(ମନ୍ଥନ)ପାରାଦୀପ ରେ ବେଶ ଜଣାଶୁଣା ନାଁ ଭାବେ ପପୁ ପରିଡା ଯେତିକି ନାଁ କମେଇ ଥିଲେ ପୂର୍ବତନ ବିଜୁଜନତା ଦଳର ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ ଙ୍କ ପ୍ରତିନିଧି ଭାବେ ବେଶ ଲୋକପ୍ରିୟତା ହାସଲ କରିଥିଲେ । ଯୁବ ମାନସର ପ୍ରତୀକ ପପୁ ପରିଡା ଯିଏକି ଅନ୍ୟର ଦୁଃଖ ପଡିଲେ କାଳ ବିଳମ୍ବ ନକରି ତୁରନ୍ତ ସହଯୋଗ ର ହାତ ବଢାଉଥିଲେ ସେ ରାଜନୀତି କ୍ଷେତ୍ର ରେ ହେଉ ଅବା ସାଙ୍ଗଠନିକ କାର୍ଯ୍ୟ, ସବୁ କ୍ଷେତ୍ରରେ ଅଦମ୍ୟ ସାହସର ସହିତ ଆଗରେ ରହୁଥିଲେ । ମହେନ୍ଦ୍ର ପରିଡା (ପପୁ) ଯେତେବଡ଼ ବିପଦ ଆଗୁ ପଛେ ସାମ୍ନା କରିବାକୁ ତିଳେ ମାତ୍ର ଦ୍ୱିଧା ମଣୁ ନଥିଲେ ପପୁ ଅନ୍ୟକୁ ଆପଣାର କରୁଥିବା ଏହି ଯୁବକ ତିନିବର୍ଷ ତଳେ ହଠାତ ସମସ୍ତଙ୍କୁ ପରକରି ପରଲୋକ କୁ ଚ୍ଛଲିଗଲେ ଯାହାକୁ ନେଇ ବିଭିନ୍ନ ସଂଗଠନ ତରଫରୁ ଦୁଃଖ ପ୍ରକାଶ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଉଦୀୟମାନ ଯୁବକ ଙ୍କ ସ୍ମୃତି କୁ ଉଦ୍ଜୀବିତ କରି ରଖିବାକୁ ପାରାଦୀପ ବୃନ୍ଦାବନ କଲୋନୀ ରେ ଥିବା ଶ୍ରୀରାମ ଯୁଥକ୍ଲବ ତରଫରୁ ପ୍ରଥମ ବାର୍ଷିକ ପପୁ ପରିଡା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଚ୍ଛଲିଥିବା ଏହି ଚିତାକର୍ଷକ



କ୍ରିକେଟ ଟୁର୍ନାମେଣ୍ଟ ରେ ପାରାଦୀପ ଓ ଆଖପାଖ ଅଞ୍ଚଳ ର ୧୬ ଟି କ୍ରିକେଟ ଟିମ ଭଗନେଇଥିଲେ । ଫାଇନାଲ ରେ ଇଲେଭେନ ଷ୍ଟାର ଷଣ୍ଢକୁଦ କୁ ହରାଇ ଚ୍ଛମ୍ପିୟାନ ହୋଇଥିଲା । ଦୁଇଦିନ ଧରି ଚ୍ଛଲିଥିବା ଚିତାକର୍ଷକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଉଦଯାପନୀ ଉତ୍ସବ ରେ ଜଗତସିଂହପୁର ଜିଲ୍ଲା ବିଜୁ ଜନତାଦଳ ର ସମ୍ପାଦକ ମାନସ ରଞ୍ଜନ ବିଶ୍ୱାଳ, ପୌରାଧକ୍ଷ ଛବିଲତା ରାଉତ, ଜଗତସିଂହପୁର ଜିଲ୍ଲା ବିଯୁଜନତା ଦଳର ଜିଲ୍ଲା ସମ୍ପାଦକ ସୁଶିଲ କୁମାର ମହାପାତ୍ର, ୧୬ନମ୍ବର ୱାର୍ଡ ର ପାରିଷଦ ମନୋଜ କୁମାର ନାୟକ, ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ଲୋପନ ପରିଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପପୁ ପରିଡାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବାସହ ସ୍ମୃତିଚ୍ଛରଣ କରି କୃତି ପ୍ରତିଯୋଗୀ, ରନର୍ସଅପ ଓ ଚ୍ଛମ୍ପିୟାନ ଟିମ କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଟୁର୍ନାମେଣ୍ଟ କୁ ସଫଳତାର ସହ ଶ୍ରୀରାମ ଯୁଥ କ୍ଲବ ପରିଚ୍ଛଳନା କରିଥିଲେ ।

# ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ବାଲିଘର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ

ମାହାଙ୍ଗା,୧୭।୩:(ମନ୍ଥନ) ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେସନ ଜଗତସିଂହପୁରର ୩୬ତମ ବାର୍ଷିକ ଉତ୍ସବ ଏବଂ ସାରସ୍ୱତ ସମାରୋହ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହଯୋଗରେ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ତେନ୍ତୁଲିଆପଦା ସ୍ଥିତ ଆଦିକବି ଶାରଦା ଦାସଙ୍କ ସମାଧି ପୀଠ ପରିସର ଆଦିକବି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଆଦିକନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ପ୍ରଫେସର ନିତ୍ୟାନନ୍ଦ ସାହୁ, ସମ୍ମାନୀତ ଅତିଥି ଭାବେ ଲେଖିକା ମେଜର ସୁମିତ୍ରା ମିଶ୍ର, ଅଧ୍ୟାପିକା ଡଃ ସରୋଜିନୀ ପାଣି ପ୍ରମୁଖ ଯୋଗଦେଇଥିଲା ବେଳେ ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମାହାଙ୍ଗା ଅଂଚଳର ବିଶିଷ୍ଟ ଶିଶୁସାହିତ୍ୟିକ ତଥା ରାଜ୍ୟ ପୁରସ୍କୃତ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ସମ୍ମାନଜନକ ବାଲିଘର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ମାହାଙ୍ଗାର ବିଭିନ୍ନ ସାରସ୍ୱତ ,ସଂସ୍କୃତିକ ଅନୁଷ୍ଠାନ, ବୁଦ୍ଧିଜୀବି, ସାରସ୍ୱତ ସ୍ରଷ୍ଟା ସର୍ବଶ୍ରୀ ପ୍ରାବନ୍ଧିକ ଡଃ ଏକାଦଶୀ ପ୍ରଧାନ, କବି ଗୌତମ ଚରଣ ଜେନା, କୁଞ୍ଜକଳୀକାର ସଂପାଦକ କବି ରାଜକିଶୋର ମିଶ୍ର, ସୁସଂଗଠକ କଲ୍ଲୋଳ ଚନ୍ଦ୍ର ମହାନ୍ତି, କବି ଶ୍ରୀନିବାସ ସାହୁ, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ଆଦର୍ଶ ଶିକ୍ଷକ ସରୋଜକାନ୍ତ ମହାପାତ୍ର, ସବୁଜକଲ୍ଲୋଳର ସଂପାଦକ ବଳରାମ ପାତ୍ର, ସମାଜସେବୀ ଯୋଗେଶ ଚନ୍ଦ୍ର କୁଅଁର, ରବିନ୍ଦ୍ରନାଥ ପଣ୍ଡା, ଶିକ୍ଷାବିତ୍ ଉମାକାନ୍ତ ପ୍ରଧାନ, ସ୍ତମ୍ଭକାର ବିବେକାନନ୍ଦ ଦାସ, କବି ଭକ୍ତଚରଣ ସାହୁ, ସାମ୍ବାଦିକ ବିଜୟ କୁଅଁର, ପ୍ରଧାନଶିକ୍ଷକ ଜ୍ୟୋତିରଂଜନ ମହାନ୍ତି, ଗୀତିକାର ବିଶେଶ୍ୱର ମହାନ୍ତି, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀ, କବି ମନୋଜ ମହାପାତ୍ର, ପରିବେଶବିତ୍ ପ୍ରମୋଦ କୁମାର ଦାଶ, ସାମ୍ବାଦିକ ରବିନାରାୟଣ ଦାସ ପ୍ରମୁଖ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଜିଲ୍ଲା ସ୍ତରୀୟ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ,୧୭।୩:(ମନ୍ଥନ)ଜିଲ୍ଲା ସ୍ତରୀୟ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଜିଲ୍ଲା ଜଳ ପରିମଳ ସମ୍ମିଳନୀ ପ୍ରକୋଷ୍ଠ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବୈଠକର ନିଷ୍ପତ୍ତି ମୁତାବକ ଓଡିଶା ଦିବସ ଦିନପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇସହର ପରିକ୍ରମା କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତ ଫେରୀ କରାଯିବ ୟସହରରେ ଥିବା ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତୀରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱିକ୍ରିକୃତ ମୁଖ୍ୟ ଅତିଥି ଓଜିଲ୍ଲାପାଳଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ । ଓଡିଶା ଦିବସ ଉପଲକ୍ଷେ ବକ୍ତୃତା ଓ ଦେଶାତ୍ମବୋଧକ କଣ୍ଠସଙ୍ଗୀତ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତିନିଆଯାଇଛି । ସେହିପରି ରକ୍ତଭଣ୍ଡାର ଠାରେ ରକ୍ତ ଦାନ ଶିବିର ଆୟୋଜନ କରାଯିବ । ସନ୍ଧ୍ୟାରେସ୍ଥାନୀୟ ସଭାଘର ଠାରେ ସାଧାରଣ ସଭା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତକରାଯିବ । ପରେ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସେହିପରିଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ନିମନ୍ତେ ଜିଲ୍ଲାର



ସମସ୍ତସରକାରୀ, ବେସରକାରୀ, ଶିଳ୍ପ ସଂସ୍ଥା, ବ୍ୟାଙ୍କ ଓ ବ୍ୟବସାୟ ପ୍ରତିଷ୍ଠାନର ଗୃହ ଗୁଡିକରେ ମାର୍ଚ୍ଚ ୩୧ ଓ ଏପ୍ରିଲ୧ ତାରିଖରେ ନିଜ ନିଜ ବିଭାଗ ଦ୍ୱାରା ଆଲୋକମାଳା ସଜାଇବା ପାଇଁ ନିଷ୍ପତ୍ତି ନିଆଗଲା । ଶେଷରେ ଜିଲ୍ଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଜୟଜିତ ଧଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହିବୈଠକରେ ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ରମାକାନ୍ତ ମହାଳିକ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦୁଃଶାସନ ନାଏକଙ୍କସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜିବୀ, ସ୍ୱେଛାସେବୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ନାବାଳିକା କୁ ଦୁଷ୍କର୍ମ ଅଭିଯୋଗ ରେ ଜଣେ ଗିରଫ

ଯୋଡ଼ା, ୧୭।୩:(ମନ୍ଥନ)କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ୧୧ ନମ୍ବର ୱାର୍ଡ କମାର ଯୋଡ଼ା ର ଏକ ନାବାଳିକା କୁ ଦୁଷ୍କର୍ମ ଅଭିଯୋଗ ରେ ଯୋଡ଼ା ପୋଲିସ୍ ମଙ୍ଗଳ ବାର ଦିନ ଜଣକୁ ଗିରଫ କରି କୋର୍ଟ ଚ୍ଛଲାଣ କରିଛି। ଅଭିଯୁକ୍ତ ଜଣକ ବିହାର ରାଜ୍ୟର ସିୱାନ ଜିଲ୍ଲାର ଏମ୍ ଡ଼ି.ଲାଡେନ (୨୭) ବୋଲି ଜଣାପଡିଛି । ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କମାର ଯୋଡ଼ା ଅଞ୍ଚଳ ରେ ଏକ ଦୋକାନ ରେ ପୀଡିତା ନାବାଳିକା ଏକାକୀ ଥିବା ସମୟରେ ସାମ୍ନା ଚାପର ଦୋକାନ ରେ କାର୍ଯ୍ୟ କରୁଥିବା ଏମ.ଡି.ଲାଡେନ ଥଣ୍ଡା ପିଇବା ପାଇଁ ଦୋକାନ କୁ ଆସିଥିଲା ଏବଂ ଦୋକାନୀ ଘରକୁ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିବା ଓ ନାବାଳିକା ଜଣକ ଏକାକୀ ଥିବାର ସୁଯୋଗ ନେଇ ନିଜର ଯୌନ କ୍ଷୁଧା ମେଣ୍ଟାଇବା ନିମନ୍ତେ ଅସଦାଚରଣ କରିଥିଲା । ତେବେ ଅଭିଯୁକ୍ତ ଜଣକ ପୀଡିତା ଙ୍କ ମୁହଁ କୁ ଚାପି ଧରିଥିବା ଦ୍ୱାରା ସେ ଚିତ୍କାର କରି ପାରି ନ ଥିଲା । ତେବେ ସେ ସମୟରେ ଦୋକାନ କୁ ଅନ୍ୟ ଗ୍ରାହକ ଚ୍ଛଲି ଆସିବା ଦ୍ୱାରା ଅଭିଯୁକ୍ତ ଲାଡେନ ନାବାଳିକା କୁ କାହାକୁ ନ ଜଣାଇବା ପାଇଁ ଧମକ ଦେଇ ସେଠାରୁ ଚ୍ଛଲିଯାଇଥିଲା । ପରେ ପରିବାର ଲୋକ ଆସିବାରୁ ପୀଡିତା ନାବାଳିକା ଘର ଲୋକଙ୍କୁ ସବୁ କଥା କହିଥିଲା । ନାବାଳିକା ର ମା ଏହାକୁ ନେଇ ଯୋଡ଼ା ଥାନା ରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଆଧାର କରି ଯୋଡ଼ା ପୋଲିସ ଏମ.ଡି.ଲାଡେନ କୁ ପକ୍ସୋ କେଶ ଅନୁଯାୟୀ ଗିରଫ କରି କୋର୍ଟ ଚ୍ଛଲାଣ କରିଛି । ଏମ.ଡି.ଲାଡେନ ବିହାର ରାଜ୍ୟର ସିୱାନ ଜିଲ୍ଲାରେ ହୋଇଥିବା ବେଳେ ସେ ଯୋଡ଼ାରେ ଚାରିବର୍ଷ ହେବ ଏମ.ଡି.ସେକିବ ଙ୍କ ଚାପର ଦୋକାନ ରେ ହେଲ୍ପର କାର୍ଯ୍ୟ କରୁଥିଲା ।

# ଜବରଦଖଲକାରୀଙ୍କ କବ୍ଜାରେ ମାର୍କେଟ କମ୍ପ୍ଲେକ୍ସ ଘର : ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ମାହାଙ୍ଗା,୧୭।୩:(ମନ୍ଥନ)ରାଜ୍ୟସରକାରଙ୍କ ଜନଶୁଣାଣି ପୋର୍ଟାଲ ଉପରୁ ସାଧାରଣ ଲୋକଙ୍କ ଆସ୍ଥା ଦିନକୁ ଦିନ ତୁଟିଯିବାରେ ଲାଗିଛି। ସରକାର ଯାହା କହନ୍ତି ତାହା କରନ୍ତିନାହିଁ ବୋଲି ଚର୍ଚ୍ଚା ହେଉଛି। ଏଠାରେ ସୂଚନା ଯୋଗ୍ୟ ଯେ ବିଗତ ବିଜେଡି ସରକାର ଅମଳରେ ମାହାଙ୍ଗା ବ୍ଲକରେ ୨୦୦୪ମସିହାରୁ ୨୦୧୧ମସିହା ମଧ୍ୟରେ ୧୦ଟି ପଂଚାୟତରେ ସରକାରଙ୍କ ପକ୍ଷରୁ ୨୧ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇଥିଲା। ଏଥିପାଇଁ ମୋଟ ୨୭ଲକ୍ଷ ୭୬ହଜାର ଟଙ୍କା ବ୍ୟୟ କରାଯାଇଥିବା ସୂଚନା ତଥ୍ୟ ନଂ୫୩୧୨ ତା୧୧.୦୯.୨୦୧୪ରିଖରେ ପ୍ରଦାନ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ଗୃହ ଗୁଡିକ ଜବରଦଖଲକାରୀଙ୍କ କବ୍ଜାରେ ରହିଛି। କେତେକ ସ୍ଥାନରେ ଜବରତଖଲକାରୀମାନେ ଉକ୍ତ ଗୃହଗୁଡିକୁ ଭଡାଦେଇ ପ୍ରତିବର୍ଷ ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି। ଅପରପକ୍ଷରେ ୨୧ମାର୍କେଟ୍ କମ୍ପ୍ଲେକ୍ସ ଗୃହ ମଧ୍ୟରୁ ୨ ମାର୍କେଟ କମ୍ପ୍ଲେକ୍ସ ଗୃହ ଉମର ଓ ନାହାଙ୍ଗ ପଂଚାୟରେ ଚୋରି ହୋଇଯାଇଥିବା ଅଭିଯୋଗ ହେଉଛି। ନାହାଙ୍ଗ ପଂଚାୟତର ବାଲିପଡା ମୌଜାର ଖାତାନଂ୫୦୧,ପ୍ଲଟ ନଂ୩୨୧ ଓ ୧୦୫ ଉପରେ ମାର୍କେଟ୍ କମ୍ପ୍ଲେକ୍ସ ଘର ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ସେ ସ୍ଥାନରେ ଘର ନଥିବା ତତ୍କାଳୀନ ଝାଡେଶ୍ୱରପୁର ରାଜସ୍ୱ ନିରିକ୍ଷକ ନିଜ ରିପୋର୍ଟରେ ଦର୍ଶାଇଛନ୍ତି। ସେହିଭଳି



ଉମର ପଂଚାୟତର ଉମର ଠାରେ ୧ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ମାର୍କେଟ୍ କମ୍ପ୍ଲେକ୍ସ ଗୃହ କେଉଁଠାରେ କରାଯାଇଛି ତାହାର ଚିହ୍ନବର୍ଣ୍ଣ ମିଳୁନାହିଁ। ଏ ସଂପର୍କରେ ଦୀର୍ଘ ଦିନଧରି ବାରମ୍ବାର ଗଣମାଧ୍ୟମରେ ଅଭିଯୋଗ ହେଉଥିଲେ ମଧ୍ୟ ତତ୍କାଳୀନ ବ୍ଲକ ପ୍ରଶାସନ ସ୍ଥାନୀୟ ରାଜନେତାଙ୍କ ଚାପରେ ଘଟଣାକୁ ଚାପି ଦେଉଥିବା ଅଭିଯୋଗ ହେଉଥିଲା। ଏ ସଂପର୍କୀତ ପ୍ରକାଶିତ ଖବର ଉପରେ ଜନସୁଣାଣି ପୋର୍ଟାଲ ନଂ ଡିଏମ୍୨୦୨୫୧୩୩୭୧୧୪/ ସିଏସ୍୨୦୨୫୧୨୫୪୧୯୪ରେ ତା୩.୧୨.୨୦୨୫ରିଖରେ ଅଭିଯୋଗ ହୋଇଥିଲେ ମଧ୍ୟ ମାହାଙ୍ଗା ବ୍ଲକ ପ୍ରଶାସନ ପତ୍ର ସଂଖ୍ୟା ୮୧୮୯ ତା୧୫.୧୨.୨୦୨୫ରିଖରେ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡିଲା ଯେ ମାର୍କେଟ୍ କମ୍ପ୍ଲେକ୍ସ ଗୃହ ସ୍ଥିତା ଅବସ୍ଥା ଅନୁଧ୍ୟାନ କରିବାକୁ ବର୍ତ୍ତମାନ ଗ୍ରାମପଂଚାୟତକୁ ପତ୍ରାଳପ କରାଯାଇଥିଲା। ସମସ୍ତ ରିପୋର୍ଟ ପ୍ରାପ୍ତ ହୋଇ ନାହିଁ, ରିପୋର୍ଟ ଆସିଲେ ବିହିତ ବ୍ୟବସ୍ଥା ଗ୍ରହଣ କରାଯିବ। କେବେ ରିପୋର୍ଟ ଆସିବ କେବେ ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବେ ? ୨୦୧୧ମସିହାରୁ ଆଜି ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା ସେ ସଂପର୍କରେ ଉଚ୍ଚକର୍ତ୍ତୃପକ୍ଷ ତଦନ୍ତ କରିବାକୁ ସର୍ବସାଧାରଣରେ ରାଜ୍ୟସରକାରଙ୍କ ନିକଟରେ ଦାବି କରାଯାଉଛି।

# ଅସହାୟ ବ୍ୟକ୍ତିଙ୍କ ଶବଦାହ କଲେ କାଉନସିଲର ଓ ତାଙ୍କ ସାଥି

ନବରଙ୍ଗପୁର,୧୭।୩:(ମନ୍ଥନ)ନବରଙ୍ଗପୁର ସହର ର ଦାରୁବନ୍ଧ ସାହି ର ଗରିବ ଅସହାୟ ବ୍ୟକ୍ତି ଜି. ମୋହନ ରାଓ (୫୬ ବର୍ଷ )ଙ୍କ ମୃତ ଖବର ଶୁଣି ୧୦ ନଂ ୱାର୍ଡ କାଉନସିଲର ଏ. ସତୀଶ, ସମାଜସେବୀ ସାନୁଜ ତ୍ରିପାଠୀ, ବୁଲୁ ମହାପାତ୍ର, ବବୁଲୁ ମହାପାତ୍ର ପହଂଚି ଶବ ସତ୍କାର କରିବାକୁ ଆଗେଇ ଆସିଥିଲେ । ମୃତ ରାଓ ଙ୍କ ପରିବାର ସମ୍ପର୍କୀୟ କେହି ନାହାନ୍ତି । ତାଙ୍କୁ ପୂର୍ବରୁ ଆଖପାଖ ର ଲୋକେ ସାହାଯ୍ୟ କରିବା ସହ ଖାଇବାର ବ୍ୟବସ୍ଥା କରୁଥିଲେ । ଗତ କାଲି ସନ୍ଧ୍ୟା ୬ ଘଣ୍ଟା ସମୟରେ ଦାରୁବନ୍ଧ ସ୍ଥିତ ଭଡା ଥିବା ଘରେ ସେ ମୃତ୍ୟୁ ବରଣ କରିଥିଲେ । ରାଓଙ୍କ ମୃତ ଖବର ଥାନା ଅଧିକାରୀଙ୍କୁ ଜଣାଇବା ପରେ କାଉନସିଲର ସତୀଶ, ସାନୁଜ ତ୍ରିପାଠୀ, ବୁଲୁ ମହାପାତ୍ର ଟ୍ରାକ୍ଟର ସଙ୍ଘ ର ଆମ୍ବୁଲାନ୍ସ ଡକାଇବା ସହ ଶବ ଦାହ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଇଥିଲେ ଓ ତାଙ୍କ ମୃତ ଶରୀର କୁ ଆମ୍ବୁଲାନ୍ସ ଯୋଗେ ଇନ୍ଦ୍ରାବତୀ ଶ୍ମଶାନ ଘାଟ ନେଇ ଶବଦାହ କରାଯାଇଥିଲା । ୯ ନଂ ୱାର୍ଡ କାଉନସିଲର ଅଲେଖ ସୌରା, ସାନୁଜ ତ୍ରିପାଠୀ, ରାଜେଶ ପଣ୍ଡା, ବାଦଲ ନାୟକ ପ୍ରମୁଖ ଉପସ୍ଥିତ ରହି ଶବଦାହ କରିଥିଲେ । ଏହି ପରି ଗରିବ ଅସହାୟ ବ୍ୟକ୍ତିଙ୍କ ଶବଦାହ ପାଇଁ ସହାୟତା ର ହାତ ବଢାଇ ଥିବାରୁ ସହରର ଜନସାଧାରଣ ଓ ବୁଦ୍ଧିଜିବି ମାନେ ପ୍ରଶଂସା କରିଛନ୍ତି ।

# ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୭।୩:(ମନ୍ଥନ)ଆସନ୍ତା ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଅଧକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମାଳିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ମତାମତ ପ୍ରଦାନ କରିଥିଲେ। ବୈଠକରେ ଓଡିଶା ଦିବସ ଅବସରରେ ପ୍ରଭାତ ଫେରି ଆୟୋଜନ, ସହରରେ ଅବସ୍ଥିତ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଧାରଣ ସଭା, ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଆୟର ଓଡିଶା ଦିବସ ଏବଂ ଜିଲ୍ଲା ପ୍ରତିଷ୍ଠା ଦିବସକୁ ଶୃଙ୍ଖଳାପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅଗ୍ରିମ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ସ୍ମରଣୀୟ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଗ୍ରହଣ କରାଯାଉଛି।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ମର୍ଯ୍ୟାଦାର ଅଧିକାର - ନିଷ୍କ୍ରିୟ ଇଚ୍ଛା ମୃତ୍ୟୁ

ଦୀର୍ଘ ୧୩ବର୍ଷ ଧରି କୋମାରେ ଥିବା ହରୀଶ ରାଣା ନାମକ ଜଣେ ୩୨ବର୍ଷ ବୟସ୍କ ଯୁବଙ୍କୁ ସୁପ୍ରିମକୋର୍ଟଙ୍କ ମର୍ଯ୍ୟାଦା ସହକାରେ ନିଷ୍କ୍ରିୟ ଉଚ୍ଛା ମୃତ୍ୟୁ ଅନୁମତି ପ୍ରଦାନ ନିଷ୍ପତି ଭାରତୀୟ ପରିବର୍ତନଶୀଳ ବା ବିକାଶଶୀଳ ଆଇନ ଶାସ୍ତ୍ର ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ସଂକେତ ପ୍ରଦାନ କରେ ବୋଲି କୁହାଯାଇପାରିବ । କୃତ୍ରିମ ଜୀବନ ରକ୍ଷାକାରୀ ଯନ୍ତ୍ରାଂଶ ପ୍ରତ୍ୟାହାର ଅନୁମତି ନେଇ ସୁପ୍ରିମକୋର୍ଟଙ୍କ ରୁଲିଂ ହେଉଛି ପୂର୍ବରୁ ଅଦାଲତ ସ୍ଥିର କରିଥିବା ମାର୍ଗଦର୍ଶୀକାର ପ୍ରଥମ ବାସ୍ତବ କାର୍ଯ୍ୟକାରିତା । ଉଲ୍ଲେଖଯୋଗ୍ୟ ଯେ, ସେବିକା ଅରୁଣା ଶାନବାଗ ମାମଲାରେ ଯେ କି ଦୀର୍ଘ ୪୦ବର୍ଷ ଧରି ହସ୍‌ପିଟାଲରେ ଚଳିତ ଶକ୍ତିହୀନ ଭାବେ ମୁମ୍ବାଇର କେଇଏମ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ, ସୁପ୍ରିମକୋର୍ଟ ୨୦୧୮ ମସିହାରେ ମର୍ଯ୍ୟଦା ସହକାରେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ (ପାସିଭ୍ ୟୁଥାନାସିଆ) ପାଇଁ ଆଇନଗତ ମାର୍ଗଦର୍ଶିକା ଜାରି କରିଥିଲେ । ଏହି ଯେଉଁ ରୋଗୀ କେବଳ କୃତ୍ରିମ ଜୀବନ ରକ୍ଷାକାରୀ ଡାକ୍ତରୀ ଚିକିତ୍ସାରେ ବଂଚି ରହିଥାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି ଆଶା ଆଦୌ ନଥାଏ, ରୋଗୀଙ୍କ ପରିବାରବର୍ଗଙ୍କ ସମ୍ମୁଖୀନ ହେଉଥିବା ଯନ୍ତ୍ରଣାଦାୟକ ତ୍ରିଶଙ୍କୁ ଅବସ୍ଥାକୁ ହୃଦୟଙ୍ଗମ କରି ନିଷ୍କ୍ରିୟ ଉଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟ ଜାରି କରିଥିବା ମାର୍ଗଦର୍ଶିକା ଏବେ ଦୀର୍ଘ ଆଠ ବର୍ଷ ପରେ ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି । ତେବେ ଚିକିତ୍ସା ଶାସ୍ତ୍ର ଦ୍ୱାରା ରୋଗୀଙ୍କର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହେବାର ସମ୍ଭାବନା ନଥିବା ନେଇ ଡାକ୍ତରୀ ବୋର୍ଡର ସୁପାରିଶ ପରେ ନିଷ୍କ୍ରିୟ ଇଚ୍ଛା ମୃତ୍ୟୁ କାର୍ଯ୍ୟକାରୀ ହେବ, ଯେପରିକି ରୋଗୀ କୌଣସି କଷ୍ଟ ଅନୁଭବ କରିବେ ନାହିଁ । ଏହା ହେଉଛି ମାର୍ଗଦର୍ଶିକାର ବିଶେଷତ୍ୱ । ଏହା ନିସନ୍ଦେହ ଯେ, ଅଦାଲତଙ୍କ ଅନୁମୋଦନ ଏକ କ୍ରୁର ସତ୍ୟକୁ ସ୍ୱୀକୃତି ଦେଇଛି, ତାହା ହେଉଛି ମର୍ଯ୍ୟାଦାଜନକ ମୃତ୍ୟୁରେ ଜୀବନର ମର୍ଯ୍ୟାଦା ସଂପ୍ରସାରିତ ହେବା ଜରୁରୀ । ଅର୍ଥାତ ରୋଗୀଙ୍କ ମର୍ଯ୍ୟାଦାଜନକ ମୃତ୍ୟୁ ପାଇଁ ରୋଗୀଙ୍କ ଠାରୁ ଧୀରେ ଧୀରେ ଜୀବନ ରକ୍ଷାକାରୀ ଯନ୍ତ୍ରାଂଶ ପ୍ରତ୍ୟାହାର ହେବ, ଯେପରିକି ତାଙ୍କୁ କଷ୍ଟ ହେବନାହିଁ । ମର୍ଯ୍ୟାଦାଜନକ ମୃତ୍ୟୁ ଅଧିକାରକୁ ସମ୍ବିଧାନର ୨୧ଧାରାରେ ମୌଳିକ ଅଧିକାର ଭାବେ ସର୍ବୋଚ୍ଚ ଅଦାଲତ ସ୍ୱୀକୃତି ପ୍ରଦାନ କରିଛନ୍ତି । ଇଚ୍ଛା ମୃତ୍ୟୁକୁ ମୌଳିକ ଅଧିକାରର ମାନ୍ୟତା ଦେବା ଲାଗି ସ୍ୱେଚ୍ଛାସେବୀ ସଂଗଠନ କମନ୍ କଜ ବହୁ ପୂର୍ବରୁ ସୁପ୍ରିମକୋର୍ଟରେ ଏକ ପିଟିସନ ଦାୟର କରିଥିଲା । ଏହା ନିସନ୍ଦେହ ଯେ, ସୁପ୍ରିମକୋର୍ଟଙ୍କ ରାୟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସମ୍ମାନର ସହ ମୃତ୍ୟୁ । ଏଥିଲାଗି ରାଣାଙ୍କ ଶରୀରରୁ କୃତ୍ରିମ ଜୀବନରକ୍ଷାକାରୀ ଯନ୍ତ୍ରାଂଶ ପର୍ଯ୍ୟାୟକ୍ରମେ କାଢିବା ସମୟରେ ଯେପରି ତାଙ୍କୁ କଷ୍ଟ ନହୁଏ, ସେ ଆଶ୍ୱସ୍ତିକର ଅନୁଭବ ନକରନ୍ତି, ସେଥିପ୍ରତି ଯଥେଷ୍ଟ ଯନ୍ବାନ ହେବାକୁ ସର୍ବୋଚ୍ଚ ଅଦାଲତ ଡାକ୍ତରୀ ଦଳକୁ କଡା ନିର୍ଦ୍ଦେଶ ଦେଇଛନ୍ତି ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ପ୍ରକାଶ ଯୋଗ୍ୟ ଯେ, ୨୦୧୦ ମସିହାରେ ଇଂଜିନିୟରି ଛାତ୍ର ହରିଶ ରାଣା ଚାରି ମହଲାରୁ ଖସିପଡି ଗୁରୁତର ମସ୍ତିଷ୍କ ଆଘାତର ଶିକାର ହୋଇ କୋମାକୁ ଚାଲିଯାଇଥିଲେ । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୧୩ବର୍ଷ ହେଲା ସେ ନିସ୍ତେଜ ଅବସ୍ଥାରେ ରହିଛନ୍ତି । ତାଙ୍କର ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗ ଅଚଳ ହୋଇଛି । ଜୀବନ ରକ୍ଷାକାରୀ ଯନ୍ତ୍ର ସାହାର୍ଯ୍ୟରେ କେବଳ ତାଙ୍କର ନିଶ୍ୱାସ ପ୍ରଶ୍ୱାସ ଚାଲିଛି । ତାଙ୍କର ଚିକିତ୍ସା ଲାଗି ପିତାମାତା ସର୍ବସ୍ୱାନ୍ତ ହେବା ପରେ ଏବେ ଧୈର୍ଯ୍ୟହରା ହୋଇ ଇଚ୍ଛାମୃତ୍ୟୁ ପାଇଁ ପିତାମାତା ସର୍ବସ୍ୱାନ୍ତ ହେବା ପରେ ଏବେ ଧୈର୍ଯ୍ୟହରା ହୋଇ ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟରେ ଆକୁଳ ଆବେଦନ କରିଥିଲେ । ଶୁଣାଣୀରେ ଦୀର୍ଘ ୩ବର୍ଷ ବିତିଯାଇଥିଲେ ମଧ୍ୟ ଶେଷରେ ସୁପ୍ରିମକୋର୍ଟ ଇଚ୍ଛାମୃତ୍ୟୁ ପ୍ରଦାନକୁ ଅନୁମତି ପ୍ରଦାନ କରିଛନ୍ତି । ଯାହାକି ଦେଶରେ ପ୍ରଥମ ଘଟଣା । କହିବା ଯଥାର୍ଥ ହେବ ଯେ, ଶେଷରେ ଭାରତ ଇଚ୍ଛାମୃତ୍ୟୁ (ୟୁଥାନାସିଆ)ରେ ପ୍ରବେଶ କରିଛି । ଇଚ୍ଛାମୃତ୍ୟୁ ଦୁଇ ପ୍ରକାରର ସକ୍ରିୟ ଇଚ୍ଛାମୃତ୍ୟୁ ଏବଂ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ । ଆମ ସକ୍ରୀୟ ଇଚ୍ଛାମୃତ୍ୟୁରେ ରୋଗୀଙ୍କୁ ମାରାତ୍ମକ ଇଂଜେକସନ କିମ୍ବା ଔଷଧ ପ୍ରଦାନ ଫଳରେ ତୁରନ୍ତ ମୃତ୍ୟୁ ଘଟେ । ପ୍ରକାଶ ଥାଉ କି ଆମଦେଶରେ ସକ୍ରୀୟ ଇଚ୍ଛାମୃତ୍ୟୁ ନିଷିଦ୍ଧ । କିନ୍ତୁ ନିଷ୍କ୍ରିୟ ଇଚ୍ଛା ମୃତ୍ୟୁରେ ରୋଗୀଙ୍କୁ ବଂଚାଇ ରଖିବା ପାଇଁ ବ୍ୟବହାର କରାଯାଇଥିବା ଜୀବନ ରକ୍ଷାକାରୀ ବ୍ୟବସ୍ଥାକୁ ଧୀରେ ଧୀରେ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବା ଫଳରେ ତାର ମୃତ୍ୟୁ ଘଟିଥାଏ । ଏହା ସତ୍ୟ ଯେ, ଆମଦେଶରେ ମର୍ଯ୍ୟଦାର ସହ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ'କୁ ସର୍ବୋଚ୍ଚ ଅଦାଲତ କେବଳ ଅନୁମତି ପ୍ରଦାନ କରିଛନ୍ତି । କିନ୍ତୁ ଦେଶରେ ବିଧିବଦ୍ଧ ଭାବେ ଏ ନେଇ କୌଣସି ଆଇନ ନାହିଁ କିମ୍ବା ପାର୍ଲିଆମେଂଟ କୌଣସି ଆଇନ ପ୍ରଣୟନ କରିନାହିଁ । ବିଶ୍ୱର ବହୁ ରାଷ୍ଟ୍ର ଇଚ୍ଛା ମୃତ୍ୟୁକୁ ଆଇନ ସମ୍ମାନ କରିଛନ୍ତି । ଜଣେ ରୋଗୀର ସ୍ୱାସ୍ଥ୍ୟରେ ଉନ୍ନତି ନେଇ ଆଶାଶୂନ୍ୟ ହୋଇ ମର୍ଯ୍ୟାଦାର ସହ ଇଚ୍ଛାମୃତ୍ୟୁ ଚାହିଁଲେ କେବଳ କଠୋର ସର୍ତ ମଧ୍ୟରେ ଇଚ୍ଛାମୃତ୍ୟୁ ଦିଆଯିବାର ବ୍ୟବସ୍ଥା ରହିଛି । ଜେଲଜିୟମ, ନେଦରଲ୍ୟାଣ୍ଡ, ଲଗଜେମ୍ବର୍ଗ, ସ୍ୱେନ, କଲମ୍ବିଆ, କାନାଡା ଏବଂ ଅଷ୍ଟ୍ରେଲିଆର ୬ଟି ରାଜ୍ୟରେ ଉଭୟ ସକ୍ରୀୟ ଓ ନଷ୍କ୍ରିୟ ଇଚ୍ଛାମୃତ୍ୟୁ ନିମନ୍ତେ ଆଇନଗତ ବ୍ୟବସ୍ଥା ରହିଛି । ତେବେ ସୁପ୍ରିମକୋର୍ଟଙ୍କ ମାର୍ଗଦର୍ଶିକା ଗୁଡିକୁ ସ୍ୱୀକୃତି ଦେବା ଲାଗି ପାର୍ଲିଆମେଂଟ ଆଇନ ପ୍ରଣୟନ କରିବା ପାଇଁ ଏବେ ଉପଯୁକ୍ତ ସମୟ ଉପନୀତ ହୋଇଛି ଏଥିରେ ସନ୍ଦେହ ନାହିଁ ।

# କର୍ମଯୋଗୀ ଜନସେବୀ ବିଦେହ ମହାତ୍ମାଙ୍କୁ ସ୍ମୃତି ନୈବେଦ୍ୟ

## ଗଙ୍ଗାଧର ସାମଲ

'ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିତ୍ ଜତିତ ସିଦ୍ଧୟେ ଯତତାମ ପି ସିଦ୍ଧାନାଂ କଶ୍ଚିନ୍ ମାଂ ବେତ୍ତି ତତ୍ତ୍ୱତଃ ।' (ଗୀତା ୭/୩) 'ସହସ୍ର ସହସ୍ର ଲୋକଙ୍କ ମଧ୍ୟରୁ କ୍ୱଚିତ କେହି ଜଣେ ମୋର ପ୍ରାପ୍ତି ପାଇଁ ଯତ୍ନ କରନ୍ତି, ପୁଣି ସେହି ଯତ୍ନ କରୁଥିବା ଯୋଗୀ ମାନଙ୍କ ମଧ୍ୟରୁ ବି କ୍ୱଚିତ୍ କେହି ଜଣେ ମତ ପରାୟଣ ହୋଇ ମୋତେ ତତ୍ତ୍ୱତଃ ଯଥାର୍ଥ ରୂପେ ଜାଣିପାରନ୍ତି ।' ବହୁନା ଜନ୍ମନା ଅନ୍ତେ ଜ୍ଞାନବାନ ମାଂ ପ୍ରପଦ୍ୟେନ୍ତେ' (ଗୀତା) । ସ୍ୱପ୍ନ ଦେଖିବାକୁ ମନା ନାହିଁ ବେଳେ ବେଳେ ରାତି ଛୋଟ ଓ ସ୍ୱପ୍ନ ଅଧିକ ହୋଇଯାଏ ମାତ୍ର ହୃଦୟକୁ ଦୃଢ଼ କରି ସ୍ୱପ୍ନକୁ ସାକାର କରିବାରେ ହିଁ ମଣିଷର ମନୁଷ୍ୟତ୍ୱ ପରିଚୟ ଦେଇଥାଏ । ଆଜିର ଭୌତିକ ଧନ ମାନବ ସମାଜ ଉପରେ ଜୀବନର ମହାମନ୍ତ୍ର ଭୁଲି ଯାଇ ମଣିଷଟି ଗର୍ବୀ, ଅହଂକାରୀ ପାଲଟି ଯାଉଛି । ଯାହାର ପ୍ରଭାବରେ ସମାଜରେ ଅନୀତି, ଦୁର୍ନୀତି ବଢ଼ି ବଢ଼ି ଚାଲିଛି । ମୂଲ୍ୟବୋଧ ଭିତ୍ତିକ ଜୀବନ ହିଁ ସଂସାରରେ ସାର ଏହାକୁ ହୃଦୟଙ୍ଗମ କରି ପାଳନ କରିବାର ଆଜୀବନ ସେ ସଂକଳ୍ପ ନେଇଥିଲେ । ଆଜି ଦୁଇଧାଡ଼ି ଶ୍ରଦ୍ଧାଞ୍ଜଳି ଅର୍ପଣ କଲାବେଳକୁ ସବୁକିଛି ମନେପଡ଼ିଯାଉଛି । ୧୯୯୦ ମସିହାର କଥା । ମୋ ମାଉସୀ ପୁଅ ଭାଇ ସ୍ୱର୍ଗତଃ ଚିରଞ୍ଜିବୀ ସ୍ୱାଇଁ ହିଁ ଚିହ୍ନାଇ ଥିଲେ ଦେବତୁଲ୍ୟ ଦେବେନ୍ଦ୍ର ବାବୁଙ୍କୁ । ଯଦିଓ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୯୭ ମସିହା ବେଳକୁ ପେଷାଦାରୀ ଆଇନଗତ ବୃତ୍ତିଗତ କ୍ଷେତ୍ର ଦ୍ୱାରା ତାଙ୍କ ସହିତ ଅଧିକ ଜଡ଼ିତ ହେଲି । ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ଆଜୀବନ ସଦସ୍ୟତା ପାଇଁ ମୋର ଛୋଟିଆ ଉଦ୍ୟମକୁ ସେ ଗ୍ରହଣ କରିଥିଲେ ଓ ସଭ୍ୟ ମଧ୍ୟ ହୋଇଥିଲେ । ଆଳିର 'ନିଆଳ' ଗ୍ରାମରେ ଜନ୍ମିତ ଦେବେନ୍ଦ୍ର ବାବୁ ବିଏସସି, ଏଲଏଲବି ଶିକ୍ଷା ଅର୍ଜନ କରିଥିଲେ । ଥରେ ବିଧାୟକ ଓ ଥରେ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବେ ସେ ଲୋକମାନଙ୍କର ସେବା କରିବାର ସୁଯୋଗ ପାଇଥିଲେ । ତାଙ୍କ ରାଜନୀତି ଜୀବନ ଆରମ୍ଭ ହୋଇଥିଲା ସ୍ୱର୍ଗତଃ ଶରତ ଦେବଙ୍କ ଜନତା ଦଳ ସହିତ । ସେ ସମୟରେ ଜନତା ଦଳର ନିର୍ବାଚନୀ ସଂକେତଥିଲା ଚକ୍ର ଚିହ୍ନ । ପରେ ଦେବେନ୍ଦ୍ର ବାବୁ କଂଗ୍ରେସରେ ଯୋଗ ଦେଇଥିଲେ । ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ଓ ସବୁବେଳେ ଲୋକମାନଙ୍କ ସହ ଯୋଡ଼ି ହୋଇ ଲୋକମାନଙ୍କ ସ୍ୱାର୍ଥ ପାଇଁ ଯାହାକିଛି ବି କରିବା ପାଇଁ ସେ ସବୁବେଳେ ଉଦ୍ୟମରତ ଥିଲେ । ଅତି ସାଧାରଣ ସରଳ ବେଶପରିପାଟୀ ତାଙ୍କର ବାପା ଡାକ୍ତର ଦିବାକରନାଥ ଶର୍ମା ମଧ୍ୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଧାୟକ ହୋଇଥିଲେ । ଓଡ଼ିଶା ରାଜନୀତିରେ ସମ୍ଭବତଃ ଏହା ଏକ ବିରଳ ସଂଯୋଗ ଅର୍ଥାତ୍ ଦୁଇ ପିଢ଼ିରେ ବାପ, ପୁଅ ପ୍ରଥମେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଧାୟକ ହେବାର ଗୌରବ ପାଇବା ।

ଆଜି ରାଜନୀତିରେ ଆମେ ପ୍ରାୟତଃ ଦେଖୁଛୁ ରାଜନୀତିକୁ ଅନେକ ବୃତ୍ତି ପ୍ରବୃତ୍ତି କରି ଢ଼େର ଜାଗାବାଡ଼ି କିଣୁଛନ୍ତି କିନ୍ତୁ ସେ ଜଣେ ଏପରି ରାଜନେତା ଥିଲେ ଯିଏ ଜାଗା ବିକ୍ରି କରି ନିର୍ବାଚନ ଲଢୁଥିଲେ ଏପରିକି ତାଙ୍କ ଝିଅ ଡାକ୍ତର ଦେବସ୍ମିତା ଶର୍ମା ମଧ୍ୟ ନିର୍ବାଚନ ଲଢ଼ିବା ବେଳେ, ଖର୍ଚ୍ଚ ଉଠାଇବା ପାଇଁ ଜମି ବିକ୍ରି ଖବର ଗଣମାଧ୍ୟମରେ ବେଶ ଚର୍ଚ୍ଚା ସୃଷ୍ଟି କରିଥିଲା । କୋଭିଡ଼ ସମୟରେ ତାଙ୍କ ଝିଅ ଡାକ୍ତର ଦେବସ୍ମିତା ସ୍ଥାନୀୟ ଲୋକମାନଙ୍କ ପାଖରେ ପହଞ୍ଚି ଯେଉଁ ପରି ସେବା ଓ ଭଲ ପାଇବା ବାଣ୍ଟି ଥିଲେ ଏବେ ବି ଅଞ୍ଚଳର ପ୍ରତିଟି ଲୋକ ମନେରଖିଛନ୍ତି । ମୋ ପରି ଜଣେ ଛୋଟିଆ ଲୋକଟିକୁ କେଜାଣି କାହିଁ ଦେବେନ୍ଦ୍ର ବାବୁ ଏପରି ଭଲ ପାଇଯାଇଥିଲେ ଆମ ଦୁଇ ପରିବାର ଗୋଟିଏ ପରିବାର ପରି ସଂପର୍କ ରଜ୍ଜୁରେ ବନ୍ଧା ହୋଇଥିଲା । ତାଙ୍କ ଆଖିରେ ମୁଁ ଜଣେ ବଡ଼ ଓକିଲ ଥିଲି । ତାଙ୍କ ଜୀବନ ତମାମ ସମସ୍ତ ଆଇନଗତ ପରାମର୍ଶ ସର୍ବପ୍ରଥମେ ମୋ ସହଯୋଗ ଲୋଡୁଥିଲେ । ଆଳି ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତରେ ଆମ ପରିବାର ଏକ ଉଚ୍ଚଶିକ୍ଷିତ ସମ୍ଭ୍ରାନ୍ତ ପରିବାର ଥିବାରୁ ତାଙ୍କର ସମ୍ମାନ ଢ଼େର ରହିଥିଲା । ସେ ମୋତେ ଆଇନଗତ କ୍ଷେତ୍ରର ସବୁ ଗୌରବ ଦେଉଥିଲେ ବି ମୁଁ କିନ୍ତୁ ଅତି ନମ୍ର ଭାବେ କହିବି ତାଙ୍କ ପାଇଁ ଓକିଲାତିରେ ମୁଁ ଯଶ, ଜ୍ଞାନ ଓ ପରିଚୟ, ଶ୍ରେୟତା ସବୁକିଛି ହିଁ ପାଇଥିଲି । ପାଖାପାଖି ତାଙ୍କର ସତାବନଟି କେସ ଓଡ଼ିଶା ହାଇକୋର୍ଟରେ ମୁଁ ଅତ୍ୟନ୍ତ ଦକ୍ଷ ଓ ପାରଙ୍ଗମତାର ସହିତ ସୁପରିଚାଳନା କରି ତାଙ୍କୁ କେବେ ବି ଜେଲ ଯିବାକୁ ସେ କଷ୍ଟଦାୟକ ଦୁର୍ଭାଗ୍ୟର ସୁଯୋଗ ହିଁ ଦେଇନାହିଁ । ଠାକୁର ନିଗମାନନ୍ଦ ଓ ଭଗବାନ ସତ୍ୟସାଇଙ୍କ ଆଶ୍ରିତ ତାଙ୍କ ପରିବାର । ନିଆଳି କପାସୀ ପଞ୍ଚାୟତ, କୋରକୋର ଗାଁର 'ଅନୀତା ଦେବୀ'ଙ୍କ ସହ ତାଙ୍କର ଶୁଭପରିଣୟ ହୋଇଥିଲା । ଏକମାତ୍ର ଝିଅ ଡାକ୍ତର ଦେବସ୍ମିତା ଶର୍ମା ହିଁ କହିବାକୁଗଲେ ଶର୍ମା ପରିବାରର ରାଜନୈତିକ ଲିଗାସିକୁ ତୃତୀୟ ପିଢ଼ି ଭାବେ ଗୌରବର ସହ ଆଗକୁ ନେଉଛନ୍ତି । ଦେବେନ୍ଦ୍ର ବାବୁ ଏକଦା ଏନଏସିରେ ବୁକ ହୋଇଥିଲେ । ତାଙ୍କ ଭାବନା ଓ ସବୁବେଳେ ଚେତନା ହେଉଛି 'ଲୋକମାନଙ୍କ ପାଇଁ, ଲୋକମାନଙ୍କ ସ୍ୱାର୍ଥରେ ଓ ଲୋକମାନଙ୍କ ନିମିତ୍ତ ହିଁ ମୋ ଜୀବନଟି ତିଆରି ହୋଇଛି । ଲୋକମାନଙ୍କ ସ୍ୱାର୍ଥ ପରିପୂରଣ ପାଇଁ ଥାନାକୁ ଜେଲକୁ ମୋର ଡର ନାହିଁ ।' ସ୍ଥାନୀୟ ଅଞ୍ଚଳ ପାଇଁ ରାସ୍ତା ଠାରୁ ପିଇବା ପାଣି, ବିଜୁଳି ଠାରୁ କୃଷିକ୍ଷେତ୍ର, ବିଦ୍ୟାଳୟ ଠାରୁ ଡାକ୍ତରଖାନା, ମଠ ମନ୍ଦିର ଠାରୁ ବନ୍ୟା ଓ ବାତ୍ୟା ମୁକାବିଲା ତଥା ସୁପରିଚାଳନା ସବୁକିଛି ତାଙ୍କ ନେତୃତ୍ୱରେ ହିଁ ହେଉଥିଲା । ତାଙ୍କ ଆଖି ଆଗରେ ଆଳି ନିର୍ବାଚନୀ ମଣ୍ଡଳୀର ପ୍ରତିଟି ପରିବାରର ଜନ୍ମ କୁଣ୍ଡଳୀ ଓ ତାଙ୍କର ସମସ୍ତ ତଥ୍ୟ ସେ ରଖୁଥିଲେ । ଯେ କୌଣସି ଲୋକ, ଯେ କୌଣସି ସମୟରେ, ଯେ କୌଣସି କାମ ପାଇଁ ସାହାଯ୍ୟର ଆଶା ରଖି ଆସିଥିଲେ ସେ ଖାଲି ହାତରେ ଫେରାଇ ନଥାନ୍ତି । ତାଙ୍କ ଲୋକପ୍ରିୟତା ଏପରି ଥିଲା ତାହାର ମୁକସାକ୍ଷୀ ଚିରକାଳ ପାଇଁ ରହିଯାଇଛି ଆଳି ମୂଳକର ସେହି ପ୍ରତିଟି ଧୂଳିବାଲି ଭିତରେ । ତାଙ୍କ ପରଲୋକ ଶବାଧାରରେ ତିରିଶ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଏକ ବିଶାଳ ଜନସମୁଦ୍ର ଦେଖାଇ ଦେଇଥିଲା । ତାଙ୍କ ବିଷୟରେ କ'ଣ ବା ଲେଖିବି, ଅନୀତା ଭାଉଜ ଆଉ ଝିଅ ଦେବସ୍ମିତାଙ୍କୁ କିପରି ବି ବୁଝାଇବି, ମୋ ପାଟିରେ ଭାଷା ନାହିଁ । ତାଙ୍କ ଭଲପାଇବା, ମୋ ପରିବାର ପ୍ରତି ଭଲପାଇବା ସବୁ କିଛି ଜଳ ଜଳ ହୋଇ ମୋ ଆଖି ଆଗରେ ଦିଶିଯାଉଛି । ତାଙ୍କପରି ଜଣେ ଲୋକମାନଙ୍କୁ ଭଲ ପାଉଥିବା ଲୋକଙ୍କ ମଣିଷ ନିରଳସ କର୍ମଯୋଗୀ ଦେବେନ୍ଦ୍ର ବାବୁ ଧରା ଛାଡ଼ି ଚାଲିଯିବାର ଏହା ଭିତରେ ଗୋଟିଏ ବର୍ଷ ବିତିବାକୁ ଯାଉଛି ।

ଏ ବିନାଶଶୀଳ ସଂସାରରେ ଜନ୍ମ ନେଲେ ମୃତ୍ୟୁ ନିଶ୍ଚିନ୍ତ । ମାତ୍ର ରହିଯାଏ ପ୍ରାଣୀର କର୍ମ ଏବଂ ଯଶ । 'ଚିରସ୍ଥାୟୀ ନୁହେଁ କିଛି ସକଳ ଅସ୍ଥିର, ଜୀବନ ଯୌବନ ଧନ ପଦ୍ମପତ୍ର ନୀର ।' ମାୟା ମୋହ ବିଜଡ଼ିତ ଧରାଧାମରେ କିଛି ଚିରସ୍ଥାୟୀ ନୁହେଁ - ଜୀବନ ଯୌବନ, ଧନ ସମ୍ପତ୍ତି କୋଠାବାଡ଼ି ସବୁ ଅସ୍ଥିର - ଶତଦଳ ପଦ୍ମପତ୍ରରେ ଜଳ ସୁଦୃଶ ଢ଼ଳ - ଢ଼ଳ - କେତେବେଳେ କେଉଁ ମୁହୂର୍ତ୍ତରେ ଢ଼ିଳ ପଡ଼ିବ ତାହା ଅଜଣା - ଅମୂଲ୍ୟ ଦୁର୍ଲ୍ଲଭ ଜୀବନର ଅବସ୍ଥାନ ତଦ୍ରୂପ ନିମିଷ ମାତ୍ରକେ କାଳ ସିନ୍ଧୁ ଗର୍ଭରେ ନିଶ୍ଚିହ୍ନ ହୋଇଯିବ । ଗଣକବି ବୈଷ୍ଣବ ପାଣିଙ୍କ ଭାଷାରେ 'ଯାହା କରି ଗଲେ ଭାବିବ ଦୁନିଆ, ତାହା ଯାଥାରେ କରି, ମରିଯିବୁ ଯେବେ କାନ୍ଦିବେ ସରବେ, ନୟନୁ ବୁହାଇ ବାରି ।'

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୩୨୮୯୪୮୬୪୩
E-mail : gangadhar123samal@gmail.com

# ଟିକେ ଭାବନ୍ତୁ

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଯେପରି ଗୁଡ଼ି ଉଡ଼ାଳିର ସୂତା ନଟେଇରୁ ଲମ୍ବି ଆକାଶରେ ପବନ ମତୁଆଲାରେ ରହୁଥିବା ଗୁଡ଼ିଟିର ତାନିତ ମଞ୍ଜା ସୂତାଟି ଯଦି ହଠାତ କାଟି ଯାଏ, ତତ୍କାଳ ତାହା ଗୁଡ଼ି ଉଡାଳିର ନିୟନ୍ତ୍ରୟଣରେ ରହେକି ? କେତେ କଷ୍ଟରେ ନାରୀଟିଏ ଗର୍ଭ ଧାରଣ କରି ଏକ ବିନ୍ଦୁକୁ ଭ୍ରୁଣରୁ ଆକୃତିରେ ପରିପୃକ୍ତ କରାଇ ଗର୍ଭବତୀ ସମୟକୁ ଗର୍ଭ ଯନ୍ତ୍ରଣା ସହି ଶିଶୁଟିକୁ ଜନ୍ମ ଦିଏ । ନିଜ ଦେହର ରସ ରକ୍ତ ସମ୍ବନ୍ଧଗର୍ଭାଶୟର ଏକ ନାଡ଼ୀରେ ଶିଶୁ ଭ୍ରୁଣରୁ ଅଙ୍ଗ ପୁଷ୍ଟ ଶେଷ ପର୍ଯ୍ୟନ୍ତ ଏପରିକି ଗର୍ଭରୁ ବାହାର ଦୁନିଆକୁ ଆସିବ କିଛି ସମୟ ପର୍ଯ୍ୟନ୍ତ ଶିଶୁର ନାଭୀ ସଂଯୋଗ ଥାଏ ଯାହା ନାଭୀ ଛେଦନ କାର୍ଯ୍ୟ ପ୍ରସୂତୀ ଗୃହରେ ତତ୍କାଳୀନ କାର୍ଯ୍ୟରତ ଡକ୍ଟର, ନର୍ସ ମାନେ ଧାଇ ମାନେ କରିଥାନ୍ତି । ମାତୃ ଅଙ୍ଗରୁ ଲାଗି ରହିବା ସନ୍ତାନ ବିଛିନ୍ନ ହେଲେ ବି ଶିଶୁଟି ପୃଥିବୀରେ ପ୍ରଥମେ ମୁଣ୍ଡ ରଖି ଗୋଡ଼ ଲଗାଇ ନିଶ୍ୱାସ ନିଏ, ପରେ ପରେ କେତେ ବର୍ଷ ବେବି ଫିଡ଼ିଙ୍ଗ ସମୟ ସନ୍ତାନ ମା ପାଖେ ପାଖେ ରହି ମାଆର ଯତ୍ନ ସେବାରେ ଚନ୍ଦ୍ର କଳା ବଢ଼ିବା ସଦୃଶ ବଢ଼ି ଚାଲୁଛି, ତାପରର ସମୟ ବିଦ୍ୟାର୍ଜନ କାଳ ଆସିଗଲେ ସ୍କୁଲ କଲେଜ ଗଲେ ଜନ୍ମଦାତ୍ରୀ ଠାରୁ ଆସ୍ତେ ଆସ୍ତେ ଦୂରେଇ ଯିବା ଆରମ୍ଭ ହୋଇ ଯୌବନରେ ବୃତ୍ତିଧନ୍ଦା କରି ବିବାହ କରି ଜୀବନସାଥୀ ଆସିଲେ ମାତୃ ସମ୍ବନ୍ଧ ଐତିହ୍ୟ ହେବାକୁ ଲାଗେ । ଏପରି କି ସବୁ ଜନ୍ତୁ ପଶୁ ପକ୍ଷୀ ଏପରି ମୌଳିକ ସ୍ତରରେ ଏକାବୋଧ ହେଉଛ । ପଶୁ ପକ୍ଷୀମାନେ ଶିକାର ଧରି ବଞ୍ଚିବା ଖାଦ୍ୟ ଗ୍ରହଣ କରି ବଞ୍ଚିବା ପାଇଁ ମାନବ ଜୀବନର ବିଦ୍ୟାଳୟ ଶିକ୍ଷାପ୍ରତି ସମୟ ସମତୁଲ୍ୟ । ସବୁ ଜୀବଙ୍କ ଆଦ୍ୟ ଗୁରୁ ପହିଲି ବିଦ୍ୟାଶିକ୍ଷା ଦାତ୍ରୀ ନିଜ ଜନ୍ମ ଦାତ୍ରୀ । ମାନବ ସବୁ ଜୀବଠାରୁ ଅଧିକ ବୁଦ୍ଧିମାନ ଯୋଗୁ ବିହଙ୍ଗ ପକ୍ଷ ନଥାଇ ବି ଉଡି ଦୂର ଦେଶରେ ପହଞ୍ଚି ପାରୁଛି । ଜଳଜୀବ ନ ହୋଇବି ଜଳ ସନ୍ତରଣ ନଜାଣି ଗଭୀର ସାଗରରେ ସାନ୍ତାର କାଟି ଦୂର ଦେଶ ଭିଡ଼ି ଯାଉଛନ୍ତି । ଏତେ ସତ୍ତ୍ୱେ ଗୁରୁମାର ଜ୍ଞାନରୁ କୌଣସି ମାନବ ମୁକ୍ତ ହେବାକୁ ଚାହୁଁ ନାହାନ୍ତି ।

ରାତିରାତି ବଡ଼ ଲୋକୀ ଧନୀ ହେବା ହଟମଟ ବିଦ୍ୟା ମାଆ ବାପା ଗୁରୁଙ୍କ ମମତାରୁ ଦୂରେଇ ଦେଉଛି । ମହାଭାରତ ଯୁଦ୍ଧ ଦେଖାଇଛି, ମାଆ ଏକ ପୁତ୍ରର ଜୀବନ ମୋହରେ ଅନ୍ୟ ପୁତ୍ରର ରକ୍ଷା କବଚ ମାଗିତାର ଜୀବନ ହାରାମ କରିଦେଇଛନ୍ତି । ଗୁରୁ ଶିଷ୍ୟ ମଧ୍ୟରେ ଜୀବନାନ୍ତ ଯୁଦ୍ଧ । ଗୁରୁ ନମରିଥିଲେ ଶାସ୍ତ୍ରରେ ଲେଖା ରହିଥାନ୍ତି ଗୁରୁମାନେ ଶିଷ୍ୟ ମାନଙ୍କୁ ଠିକ ପାଠ ପଢ଼ାନ୍ତି ନାହିଁ ବୋଲି ଏପରି ଗୁରୁଶିଷ୍ୟ ଯୁଦ୍ଧରେ ଶିଷ୍ୟର ପତନ ହୋଇଛି । ମାଟି ପାଇଁ ବୀରଭୋଗ୍ୟା ବସୁନ୍ଧରା, ବୀରତ୍ୱ କେଉଁଠି କଣ ଗୁରୁଶିଷ୍ୟ ? କଣ ଗୁରୁଭାଇଙ୍କ ସାଙ୍ଗରେ ? କଣ ମାମୁଁ ଭଣଜା ମଧୁର ସମ୍ପର୍କରେ ? କଣ ଯୁଦ୍ଧ ଖର୍ଚ୍ଚାବାଣକିଣା ପ୍ରଜାଙ୍କ ଦତ୍ତ ରାଜସ୍ୱରେ ? କଣ କେବଳ ଦୁନିଆକୁ ଅଗ୍ନିରେ ଜାଳି ମରୁଭୂମି କରି ଏକା ବଞ୍ଚିବ ? କୃଷି ହେଲେ ସମସ୍ତେ ବଞ୍ଚିବେ, କୃଷକ ଦେବତା ବଳରାମ ଯେ ସମସ୍ତଙ୍କ ବଳଦାତା, ଅନ୍ନ ବିହୁନେ ହଂସହାନୀ । ଯୋଗ ସାଧିବୁ କାହାଘେନି । କୃଷିକାରୀ ପ୍ରଜାଙ୍କୁ ଭୂଆଁ ଧରାଅ ନାହିଁ, ବଳରାମ ମହାଭାରତ ଯୁଦ୍ଧରେ ଭାଗ ନେଇ ନାହାନ୍ତି ପକ୍ଷ ନେଇ ନାହାନ୍ତି ଅର୍ଥ କୃଷକ ଭାଗ ନେଇନାହାନ୍ତି, ଏଥରୁ କଣ ଶିକ୍ଷା ଶତ୍ରୁ ଭାବି ଶତ୍ରୁ ରାଜ୍ୟର ଅନ୍ନ ଭଣ୍ଡାର କୃଷିକୁ ଜାଳି ପୋଡ଼ି କ୍ଷାର କରିଦେବା ? ମାଆ ଜୀବ ତାଙ୍କର ଦୀର୍ଘାୟୁ ପୁତ୍ର କନ୍ୟା ଆଗରେ ନିଶ୍ଚୟ ଦେହାନ୍ତ ହେବ ମାତ୍ର ମାଆଟି ମାଟିକୁ ସେ ଜନ୍ମଠାରୁ ଧାଇମା ରୂପେ ଅର୍ପଣ କରିଯାଇଛନ୍ତି । ଯେ ଶେଷ ପର୍ଯ୍ୟନ୍ତ ପିଲାଙ୍କୁ ବଞ୍ଚାଇ ରଖିବେ । ଗୁରୁ ବିଦ୍ୟା ଶିକ୍ଷକ ବିଦ୍ୟା ଯୁଦ୍ଧରେ ମରା ମରି ହୋଇ ମରିବା ପାଇ ନୁହେଁ ସର୍ବଦା ଶାନ୍ତିରେ ସହବସ୍ଥାନ କରିବା । କ୍ଷତ୍ରିୟ ହତିଆର ଦୁର୍ବଳଙ୍କୁ ରକ୍ଷା ପାଇଁ ଉଦ୍ଦିଷ୍ଟ, ଦୁର୍ବଳଙ୍କୁ ମାର ପାଇନୁହେଁ । ପଞ୍ଚମହାଭୂତରେ ସମସ୍ତଙ୍କ ସମାନ ଅଧିକାର ଏକଥା କେହି ଭୁଲନାହିଁ । ଗୁରୁମାର କେହି ହୁଅନା ମାଆ ମାଟିକୁ ଭୁଲନା, ସମ୍ମାନ ଦେଇଥିବା ପ୍ରତିଷ୍ଠା ଦେଇଥିବା ଲୋକରେ ପରିଚିତ କରାଇଥିବା, ଅନୁଷ୍ଠାନ, ସଂସ୍ଥା ବ୍ୟକ୍ତି ବିଶେଷଙ୍କୁ ପରିତ୍ୟାଗ କରନ୍ତୁ ନାହିଁ ଏପରି ଦିନେ ତଳ ବରଡ଼ା ଖସାଇ ନିଜକୁ ଉଚ୍ଛନ କରିବ ଏହା ପ୍ରକୃତି ନିୟମ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ଅଭିନନ୍ଦନମ୍ ଅଦ୍ୱିତୀୟ ଶବ୍ଦ, ସ୍ଥପତି କବି ଗିରିଜା କୁମାର ବଳୀୟାର ସିଂ

## ବାଦଲ ଭୂୟାଁ

କଟକ ମାତୃଭବନ କଡ଼ର କଲ୍ୟାଣନଗର ସିଧାରାସ୍ତାର ବାମ ପଟ ମନ୍ଦିରର ଠିକ ବାମପଟର ଛୋଟିଆ ଗଳି ଭିତରେ ରହିଛି 'କାହାଣୀ' ପ୍ରକାଶନ ସଂସ୍ଥା । ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାରରେ ସମସ୍ତ ସମୟ ବିନିଯୋଗ କରି ଆସିଛି ଏହି ସଂସ୍ଥାଟି । ଏହା ହେଉଛି କବି ଗିରିଜା କୁମାର ବଳୀୟାର ସିଂଙ୍କ ଏବେର ଠିକଣା । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତରଫରୁ ୨୦୨୫ ବର୍ଷ ପାଇଁ ଓଡ଼ିଆ ଭାଷାରୁ ବିଶିଷ୍ଟ କବି ଗିରିଜା କୁମାର ବଳୀୟାର ସିଂ କବିତା ବିଭାଗ ପାଇଁ ମନୋନୀତ ହୋଇଛନ୍ତି । ସେହିପରି ସାନ୍ତାଳୀ ଭାଷାରୁ ଲେଖିକା ସ୍ୱର୍ଗୀୟା ସୁମିତ୍ରା ସୋରେନ ମନୋନୀତ ହୋଇଛନ୍ତି । ୨୦୨୦ ମସିହାରେ 'କାହାଣ' ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଗିରିଜା କୁମାର ବଳୀୟାର ସିଂଙ୍କ କବିତା ସଂକଳନ 'ପାଦ ପୂରଣ' ପାଇଁ ସେ ଏହି ସମ୍ମାନ ପାଇବାକୁ ଯାଉଛନ୍ତି । ସୂଚନାଥାଉକି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ଦଶଟି ପୁସ୍ତକ ପୁରସ୍କାର ପାଇଁ ଆବେଦନ ହୋଇଥିଲା । ଗିରିଜା କୁମାର ବଳୀୟାର ସିଂ ୧୯୫୪ ମସିହା, ଡିସେମ୍ବର ୯ ତାରିଖ ଖୋର୍ଦ୍ଧା ଜିଲ୍ଲାର ବାଜପୁରରେ ଜନ୍ମ । ରେଭେନ୍ସାରୁ ସ୍ନାତକୋତ୍ତର ଶିକ୍ଷା ଶେଷ କଲାପରେ କିଛି ଦିନ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଓଡ଼ିଶାର ବହୁଳ ପ୍ରସାରିତ 'ସମ୍ବାଦ', 'ପ୍ରଗତିବାଦୀ', 'ପ୍ରଜାତନ୍ତ୍ର' ପରି ଓଡ଼ିଆ ଦୈନିକ ସମ୍ବାଦପତ୍ରର ସାହିତ୍ୟ ବିଭାଗରେ ତାଙ୍କ ସ୍ୱତନ୍ତ୍ର ଶବ୍ଦ ସଂଯୋଜନା ଅତିବ ଚମତ୍କାର ।

ଗିରିଜା କୁମାର ବଳୀୟାର ସିଂଙ୍କ ଏହି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଥିବାର ଖବର ପ୍ରକାଶ ପାଇବା ପରେ ଗଣମାଧ୍ୟମକୁ ସେ ପ୍ରଦାନ କରିଥିବା ମନ୍ତବ୍ୟ ମଧ୍ୟ ଖୁବ ହୃଦୟସ୍ପର୍ଶୀ – 'ଇଏ ଏକ ପ୍ରାପ୍ତି । ହେଲେ କେହି କେବେ ତ ପ୍ରାପ୍ତି ପାଇଁ ସୃଷ୍ଟି କରେନା, ସୃଷ୍ଟିର ଯନ୍ତ୍ରଣା ଭିତରେ ଯେଉଁ ପ୍ରାପ୍ତି ମିଳେ ଏବଂ ତାହା ଯେଉଁ ଆନନ୍ଦ ଦିଏ ସେ କ'ଣ ଯନ୍ତ୍ରଣାକୁ ଲାଘବ କରିପାରେ ? ଏ ଖୁସି, ଏ ଆନନ୍ଦ ସମୂହର । ଧରି ନିଅନ୍ତୁ ଏହା ଆପଣ ମାନଙ୍କ ଖୁସିର ଏକ ଅଂଶୀଦାର ।' ବାଟ ପଡିଛି, ପଥିକ ଚାଲିଛି, ଗଳି ବାଟ ଅଛି, ସିଧା ବାଟ ଅଛି, ସଂକ୍ଷିପ୍ତ ଅଛି, ଦୀର୍ଘ ବାଟ ବି ଅଛି । ମୁଁ ଭାବେ ଲମ୍ବା ବାଟର ପଥିକ । ବାସ୍ତବରେ କେହି କାହାରିଠୁ ପ୍ରେରଣା ପାଆନ୍ତି ନାହିଁ । ନିଜ ଭିତରୁ ପ୍ରେରଣା ମିଳେ । ପାଗଳପଣ ହିଁ ମୋର ପ୍ରେରଣା । ମୁଁ ନିଆରା ବା ଅଲଗା ଲେଖିବି ବୋଲି ସଂକଳ୍ପ ନେଇଥିଲି, ଆଜି ଯାଏ ତାହା ଚାଲୁଛି । ଆଗକୁ ବି ଚାଲୁଥିବି ତେଣୁ ମୁଁ କାହାରିଠୁ ପ୍ରେରଣା ବା ଉତ୍ସାହ ପାଇ ନାହିଁ । ଓଡ଼ିଶାରେ ସାହିତ୍ୟକୁ ବୃତ୍ତି କରି ଜଣେ ବଞ୍ଚିବା ସମ୍ଭବ ନୁହେଁ । ଏଯାଏ ଓଡ଼ିଶାରେ ସେ ପରିସ୍ଥିତି ଆସିନାହିଁ । ଆମ ଭଳି ପୂର୍ବ ପିଢ଼ିଙ୍କୁ ମାନନ୍ତୁ ନାହିଁ ବୋଲି ଆଜିର ଉତ୍ତର ପିଢ଼ିର ସାହିତ୍ୟିକଙ୍କୁ କହିବି । ଜୀବନରେ ମୋଡ଼, ବାଙ୍କ ନଥିଲେ ତାହା ଜୀବନ ନୁହେଁ । କାର୍ଯ୍ୟ କରି ଚାଲନ୍ତୁ, ବିଭିନ୍ନ ବାଧା ପ୍ରତିବନ୍ଧକରୁ ଶିକ୍ଷା ନିଶ୍ଚିନ୍ତ ମିଳିବ । ଆଜିକାଲି ତ କେହି ଶ୍ରୋତା ନାହାଁନ୍ତି ସମସ୍ତେ ବକ୍ତା ହେବା ପାଇଁ ବ୍ୟସ୍ତ । ଗିରିଜା ବାବୁଙ୍କ ରଚିତ ଅତ୍ୟନ୍ତ ଲୋକପ୍ରିୟ ଓ ବହୁଳ ପୁର୍ନମୁଦ୍ରିତ ପୁସ୍ତକ ଗୁଡ଼ିକ ହେଉଛି 'ଭାରତ ବର୍ଷ', 'ଶୀତ ଶୀର୍ଷକ', 'କାଲିର କବିତା', 'ଉତ୍ତର ମେଘ', 'ନୀଳ ନିର୍ବାଣ', 'ପାଦ ପୂରଣ', 'କାବ୍ୟ ପୁରୁଷ', 'ଚର୍ଯ୍ୟା ଚୟନ', 'ଚତୁର୍ଦ୍ଦଶୀର ଚନ୍ଦ୍ର' ପ୍ରମୁଖ ।

ଏଯାବତ୍ ତାଙ୍କ ଲେଖିବା ସମୟକୁ ଦେଖିଲେ ଅର୍ଥାତ୍ ୧୯୭୬ରୁ ୨୦୨୬ ଯାଏ ପାଖାପାଖି ଅର୍ଦ୍ଧଶତାବ୍ଦୀର ଖଣ୍ଡ ସମୟ ଭିତରେ ସେ ଓଡ଼ିଆ ସାହିତ୍ୟ ଜଗତକୁ ୧୫ଟି କାବ୍ୟକୃତୀ ପ୍ରଦାନ କରିଛନ୍ତି । ତାଙ୍କର ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ଓଡ଼ିଆରେ ସନେଟ ସାହିତ୍ୟର ସେ ହେଉଛନ୍ତି ଧାରା ପ୍ରବର୍ତ୍ତକ ଓ ସ୍ରଷ୍ଟା । ସେ ଏହି ସନେଟ ସାହିତ୍ୟ ସୃଷ୍ଟିରେ ଯେତିକି ପ୍ରଭାବଶାଳୀ ସେତିକି ସିଦ୍ଧହସ୍ତ ଓ ସେତିକି ସ୍ୱୀକୃତ ଓ ସ୍ମରଣୀୟ ମଧ୍ୟ । ୨୦୦୬ ମସିହାରେ ତାଙ୍କ ପାଠକୀୟ ବହୁଳ କବିତା ସଂକଳନ 'ଭାରତ ବର୍ଷ' ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଗୌରବ ପାଇଥିଲା । ଗିରିଜା ବାବୁଙ୍କ ଏହି କୃତୀ ବିମଣ୍ଡିତ ଗୌରବ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଓଡ଼ିଆ ସାହିତ୍ୟ ବିଭାଗର ଆବାହକ ବିଶିଷ୍ଟ କଥାକାର ଡକ୍ଟର ଗୌରହରି ଦାସ ତାଙ୍କୁ ଶୁଭେଚ୍ଛା ଜଣାଇ ଯାହା କହିଛନ୍ତି ତାହା ଉଦ୍ଧୃତ କରୁଛୁ – 'ଓଡ଼ିଆ ଶବ୍ଦ ଭଣ୍ଡାରର ପ୍ରାଚୁର୍ଯ୍ୟ କବି ବଳୀୟାର ସିଂଙ୍କ କବିତାରେ ଦୃଶ୍ୟମାନ ହୋଇଥାଏ । କବିତାରେ ସାଙ୍ଗିତିକତା ଏବଂ ଭାବ ସାନ୍ଦ୍ରତା ସୃଷ୍ଟି କ୍ଷେତ୍ରରେ ସେ ଅଦ୍ୱିତୀୟ ଶବ୍ଦ ସ୍ଥାପତି ।' ଆମ ତରଫରୁ ଓଡ଼ିଆ ସାହିତ୍ୟ ଜଗତର ଏହି ଉଜ୍ଜ୍ୱଳତମ ସାରସ୍ୱତ ସାହିତ୍ୟ ସ୍ରଷ୍ଟାଙ୍କୁ ଢ଼େର ଶୁଭେଚ୍ଛା ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨, ର-ଙ୍କବସକ୍ଷ :
ଭବୟବକ୍ଷ୦୦୯ଭଷଙ୍କଙ୍ଗବଭଅଶଙ୍କବସକ୍ଷ.ମକ୍ଟଙ୍କ



# ଚଳଚଞ୍ଚଳ ମଙ୍ଗଳାଙ୍କ ପୀଠ,ଝାମୁ ଯାତ୍ରାର ଦ୍ୱିତୀୟ ପାଳିରେ ଶ୍ରଦ୍ଧାଳୁଙ୍କ ଭିଡ଼

**କାକଟପୁର,୧୭।୩(ଏଜେନ୍ସି):**ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ମନ୍ଦିର ରେ ପାଳିତ ହୋଇଛି ଝାମୁ ଯାତ୍ରା ର ଦ୍ୱିତୀୟ ପାଳି । ରାତ୍ର ଦୁଇ ଘଟିକା ରେ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଥିଲା । ବଲ୍ଲଭ ନୀତି ପରେ ସକାଳ ଧୂପ, ବନ୍ଦାପନା ଆଳତୀ ପରେ ସର୍ବସାଧାରଣ ଙ୍କ ଦର୍ଶନ ପାଇଁ ମନ୍ଦିର ସାହାଣମେଲା କରାଯାଇଥିଲା । ମାତୃଭକ୍ତ ମାନେ ଉତ୍ତର ଓ ସିଂହ ଦ୍ୱାର ଦେଇ ବ୍ୟାରିକେଟ ମଧ୍ୟରେ ଲମ୍ବା ଧାଡ଼ି ରେ ମନ୍ଦିର ଗର୍ଭଗୃହ କୁ ଯାଇ ମା ଙ୍କର ଚନ୍ଦନ ବେଶ ଦର୍ଶନ କରିଥିଲେ । ସୀମନ୍ତିନୀ ମହିଳାମାନେ ମନ୍ଦିର ବେଢାରେ ନିଜ ସ୍ୱାମୀ ଓ ପରିବାର ର ମଙ୍ଗଳ କାମନା



କରି ବିରି ଚାଉଳ, ଜାମୁଡାଳ ରେ ମନ୍ଦିର ବେଢା ଓଲେଇ ସହିତ ପହ୍ନେଇ ପୂଜା କରିଥିଲେ । ଚାରିଆଡେ ହରିବୋଲ ହୁଳହୁଳି ରେ ପ୍ରକମ୍ପିତ ହେଉଥିବା ବେଳେ ମାନସିକପୂର୍ଣ୍ଣ ଧାରୀ ଭକ୍ତ ମାନେ ହାତରେ ନାଲି ଶାୀ, ଶଙ୍ଖା, ସିନ୍ଦୁର ଧରି ମା ଙ୍କୁ ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ପରିସର ଚନ୍ଦନ କର୍ପୁର ରେ ମହକି ଉଠି ଏକ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲା । ଦିନ ପ୍ରାୟ ୨ ଟା ବେଳକୁ ଝଙ୍କଡ ପୀଠ ରୁ ଆସିଥିବା ରାଉଳ ସେବକ ଓ ସ୍ଥାନୀୟ ଅଞ୍ଚଳ ର ଭୋଇ ପାଟୁଆ । ମାନେ ଏକ ଶୋଭାଯାତ୍ରା ରେ ପ୍ରାଚୀ ନଦୀ ର ଘଣ୍ଟ ତୋଳା ତୁଠ କୁ ଯାଇ ପାଣି ତୋଳି, ଘଟ ସ୍ଥାପନା କରି ମନ୍ଦିର କୁ ଆସିଥିଲେ । ମା ଙ୍କର ଆଜ୍ଞାମାଳ ପାଇବା ପର ପାଟୁଆ । ମାନେ ଘଣ୍ଟ, ଢୋଲ ଓ କାହାଳୀ ହରିବୋଲ, ହୁଳହୁଳି ଶବ୍ଦ ମଧ୍ୟରେ ଘଣ୍ଟ ପାଟୁଆ । ନୃତ୍ୟ କରିଥିଲେ । ଭକ୍ତ ମାନଙ୍କ ମା ଙ୍କ ପାଖରେ ଲାଗି ଚୁଡା ଘସା, ଗଜ ମଣ୍ଡା ଓ କଦଳୀ ଭୋଗ ସୁଗନ୍ଧ ରେ ପୁରିଉଠିଥିଲା ମନ୍ଦିର ପରିସର । ଭକ୍ତ ଙ୍କ ଗହଳି କୁ ଦୃଷ୍ଟି ରେ ରଖି ମନ୍ଦିର ପ୍ରଶାସନ ଓ ଆରକ୍ଷୀ ବାହିନୀ ସଜାଗ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଯାଇ ଭକ୍ତ ମାନଙ୍କୁ ସେବା ପ୍ରଦାନ କରାଯାଇ ଥିଲା ।

# ରାଜ୍ୟ ସ୍ତରୀୟ ଆର୍ଥଲେଟିକ୍ ପ୍ରତିଯୋଗିତାରେ ପିପିଲି ପାଇଁ ଦୁଇଟି ପଦକ ହାସଲ କଲେ ନିବେଦିତା

**ପିପିଲି,୧୭।୩(ଏଜେନ୍ସି):**ରାଜ୍ୟ ଆର୍ଥଲେଟିକ୍ ପ୍ରତିଯୋଗିତାରେ ରୌପ୍ୟ ଓ ବ୍ରୋଞ୍ଜ ଦୁଇଟି ପଦକ ହାସଲ କରି ପିପିଲି ପାଇଁ ଗୌରବ ଆଣିଛନ୍ତି । ପିପିଲି ଇନଫୋର୍ସ ଏକାଡେମୀର ଛାତ୍ରୀ ନିବେଦିତା ମଲ୍ଲିକ । କଟକ ସ୍ଥିତ ପୋଲିସ ରିଜର୍ଭ ଗ୍ରାଉଣ୍ଡରେ ପ୍ରଥମ କରି ସ୍ପ୍ରିଷ୍ଟ ରାଜ୍ୟ ସ୍ତରୀୟ ଆର୍ଥଲେଟିକ୍ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ ଛାତ୍ରୀ ନିବେଦିତା । ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଶତାଧିକ ଦକ୍ଷ ଖେଳାଳି ମାନେ ଅଂଶ ଗ୍ରହଣ କରିଥିଲେ । ଏଥିମଧ୍ୟରୁ ଶେଷ ପର୍ଯ୍ୟାୟ ପ୍ରର୍ଯ୍ୟନ୍ତ ୧୦୦ମିଟର ଦୌଡ଼ ପ୍ରତିଯୋଗିତା କରି ନିବେଦିତା ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୨୦୦ମିଟର ଦୌଡ଼ ପ୍ରତିଯୋଗିତା ରେ ସେ ରୌପ୍ୟପଦକ ହାସଲ କରିଛନ୍ତି । ଏନେଇ ପିପିଲି ଅଞ୍ଚଳର ବୁଦ୍ଧିଜୀବି ଓ କ୍ରୀଡାବିତ ମାନେ ନିବେଦିତା ଙ୍କୁ ବହୁ ପ୍ରଶଂସା କରିବା ସହ ଆହୁରି ସଫଳତା ପାଇଁ ପ୍ରେରଣା ଦେଇଛନ୍ତି । ପୁରୀ ଜିଲ୍ଲା ପିପିଲି ଅଞ୍ଚଳ ପାଇଁ ସେ ଦୁଇ ଦୁଇଟି ପଦକ ହାସଲ କରି ପିପିଲି ପାଇଁ ଗୌରବ ଆଣିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ୫ ବର୍ଷ ଧରି ନିବେଦିତା ପିପିଲି ଇନଫୋର୍ସ ଏକାଡେମୀ ରେ ପ୍ରଶିକ୍ଷଣ ନେଇଥିଲେ୍ୟ ଏନେଇ ଏକାଡେମୀ ପକ୍ଷରୁ ନିର୍ଦ୍ଦେଶକ ସରୋଜ ସ୍ୱାଇଁ ଓ ପ୍ରଶିକ୍ଷକ ମାନେ ମଧ ତାଙ୍କୁ ସମ୍ବର୍ଦ୍ଧନା ସହ ଶୁଭେଚ୍ଛା ଜଣାଇଛନ୍ତି । ୫ଥର ଏହି ଭଳି ରାଜ୍ୟ ସ୍ତରୀୟ ଆର୍ଥଲେଟିକ୍ ପ୍ରତିଯୋଗିତାରେ ସେ ଭାଗ ନେଇ ଆସୁଥିବା ବେଳେ ଆଗାମୀ ଦିନରେ ସେ ଆହୁରି ଭଲ ପ୍ରଦର୍ଶନ କରି ଅଂଚଳ ପାଇଁ ସୁନାମ ଆଣିବେ ବୋଲି ନିବେଦିତା କହିଛନ୍ତି ।

# ଯୁଦ୍ଧ ପ୍ରଭାବରୁ ଏଲପିଜି ବ୍ୟବହାର ୧୮% କମିଲା

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି):**ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁଁ ଏଲ୍ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି । ଏଥି ଯୋଗୁଁ ମାର୍ଚ୍ଚ ମାସର ପ୍ରଥମାର୍ଦ୍ଧରେ ଭାରତରେ ରନ୍ଧନ ଗ୍ୟାସ ଏଲ୍ପିଜି ବ୍ୟବହାର ୧୭.୭ ପ୍ରତିଶତ ହ୍ରାସ ପାଇଛି । ମାର୍ଚ୍ଚ ମାସର ପ୍ରଥମ ୧୫ ଦିନରେ ଏଲ୍ପିଜି ବ୍ୟବହାର ୧.୧୪୭ ନିୟୁତ ଟନକୁ ହ୍ରାସ ପାଇଛି, ଯାହା ଗତ ବର୍ଷ ସମାନ ସମୟରେ ବ୍ୟବହୃତ ୧.୩୮୭ ନିୟୁତ ଟନ୍ ତୁଳନାରେ ୧୭.୩ ପ୍ରତିଶତ କମ୍ । ସେହିଭଳି ଫେବ୍ରୁଆରି ମାସର ପ୍ରଥମାର୍ଦ୍ଧରେ ୧.୫୫୭ ନିୟୁତ ଟନ୍ ଚାହିଦା ତୁଳନାରେ ୨୬.୩ ପ୍ରତିଶତ କମ୍ । ଭାରତ ଏହାର ଏଲପିଜି ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନି କରେ । ଅଧିକାଂଶ ଏଲ୍ପିଜି ହର୍ମୁଜ୍ ପ୍ରଣାଳୀ ଦେଇ ଆସେ । ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ଏବଂ ଏହା ପରେ ତେହେରାନର ପ୍ରତିଆକ୍ରମଣ ଫଳରେ ଏଲ୍ପିଜି ଯୋଗାଣ ବାଧାପ୍ରାପ୍ତ



ହୋଇଛି । ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସରୁ ଯୋଗାଣ ବାଧାପ୍ରାପ୍ତ ହେବା ସହିତ, ଘରୋଇ ରନ୍ଧନ ଗ୍ୟାସ ଉପଲବ୍ଧତାକୁ ଅବ୍ୟାହତ ରଖିବା ପାଇଁ ସରକାର ହୋଟେଲ ଏବଂ ଶିଳ୍ପ ଭଳି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଏଲ୍ପିଜି ଯୋଗାଣ ହ୍ରାସ କରିଛନ୍ତି । ବଜାରର ପ୍ରାୟ ୯୦ ପ୍ରତିଶତ ନିୟନ୍ତ୍ରଣ କରୁଥିବା ତିନୋଟି ରାଷ୍ଟ୍ରାୟତ୍ତ ଇନ୍ଧନ ଖୁଚୁରା ବ୍ୟବସାୟୀଙ୍କ ପ୍ରାରମ୍ଭିକ ବିକ୍ରୟ ତଥ୍ୟ ଦର୍ଶାଉଛି ଯେ ମାର୍ଚ୍ଚ ୧ରୁ ୧୫ ମଧ୍ୟରେ ଏଲ୍ପିଜି ବ୍ୟବହାର ୨୦୨୪ର ସମାନ ଅବଧିର ଚାହିଦା ତୁଳନାରେ ୧୬ ପ୍ରତିଶତ ଏବଂ ମାର୍ଚ୍ଚ ୧-୧୫, ୨୦୨୩ ତୁଳନାରେ୧୦.୬ ପ୍ରତିଶତ କମ୍ ଥିଲା । ଯୁଦ୍ଧ ପାଇଁ ଉପସାଗରୀୟ ଦେଶଗୁଡ଼ିକ ସେମାନଙ୍କ ଆକାଶ ମାର୍ଗକୁ ବନ୍ଦ କରିଥିଲେ । ଏଥିପାଇଁ ଚଳିତମାସର ପ୍ରଥମ ୧୫ ଦିନରେ ବିମାନ ଇନ୍ଧନ ବ୍ୟବହାର ଗତବର୍ଷର ଅବଧି ତୁଳନାରେ ୪ ପ୍ରତିଶତ ହ୍ରାସ ପାଇ ୩,୨୭,୯୦୦ ଟନ୍ ରହିଛି । ଏଲ୍ପିଜି ଓ ବିମାନ ଇନ୍ଧନ ବ୍ୟବହାର କରିବା ସମୟରେ ପେଟ୍ରୋଲ ବ୍ୟବହାର ୧୩.୨ ପ୍ରତିଶତ ବୃଦ୍ଧି ପାଇ ୧.୫ ନିୟୁତ ଟନ୍ରେ ଏବଂ ଡିଜେଲ ବ୍ୟବହାର ୮.୨ ପ୍ରତିଶତ ବୃଦ୍ଧି ପାଇ ୩.୩୮୪ ନିୟୁତ ଟନରେ ପହଞ୍ଚିଛି ।

# ଇରାନବାସୀଙ୍କୁ ନୌରୋଜର ଶୁଭେଚ୍ଛା ଜଣାଇଲେ ନେତାନ୍ୟାହୁ

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି):**ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଏବଂ ଉତ୍ତେଜନା ମଧ୍ୟରେ, ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ନୂତନ ଭିଡିଓ ଜାରି କରିଛନ୍ତି । ଏହି ଭିଡିଓଟି ତାଙ୍କ ମୃତ୍ୟୁ ବିଷୟରେ ସୋସିଆଲ ମିଡିଆରେ ପ୍ରସାରିତ ଗୁଜବକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛି । ଏକ ସ୍ୱତନ୍ତ୍ର ବାର୍ତ୍ତା ମାଧ୍ୟମରେ, ନେତାନ୍ୟାହୁ ସିଧାସଳଖ ଇରାନବାସୀଙ୍କୁ ସମ୍ବୋଧିତ କରିଛନ୍ତି ଏବଂ ସେମାନଙ୍କୁ 'ସାହସୀ ଲୋକ' ବୋଲି କହିଛନ୍ତି । ଏହି ବାର୍ତ୍ତାକୁ ପାରସ୍ୟ ନବବର୍ଷ ନୌରୋଜ୍ ଏବଂ ପ୍ରାଚୀନ ପର୍ବ ଚହାରଶମ୍ବେ ସୁରି ଅବସରରେ ଇରାନବାସୀଙ୍କ ସହିତ ସଂଯୋଗ ସ୍ଥାପନ କରିବାର ଏକ ପ୍ରୟାସ ବୋଲି କୁହାଯାଉଛି । ଗତ କିଛି ଦିନ ଧରି, ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସ୍ୱାସ୍ଥ୍ୟ ଏବଂ ମୃତ୍ୟୁ ସମ୍ପର୍କରେ ଅନ୍ତର୍ଜାତୀୟ ଗଣମାଧ୍ୟମ ଏବଂ ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ବିଭିନ୍ନ ଦାବି ପ୍ରସାରିତ ହେଉଛି । ଏହି ସମସ୍ତ ଭିତ୍ତିହୀନ କଳ୍ପନାଜଳ୍ପନାର ଅନ୍ତ ଘଟାଇ ପ୍ରଧାନମନ୍ତ୍ରୀ ଏକ ନୂତନ ଭିଡିଓ ବାର୍ତ୍ତା ସେୟାର କରି ନିଜର ଉପସ୍ଥିତି ଜାହିର କରିଛନ୍ତି । ଏହି ଭିଡିଓ ମାଧ୍ୟମରେ, ସେ ତାଙ୍କର ଦକ୍ଷତା ପ୍ରଦର୍ଶନ କରି ଯୁଦ୍ଧ ମଧ୍ୟରେ ଏକ ସୁଚିନ୍ତିତ କୂଟନୈତିକ ଚାଲକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । ଭିଡିଓରେ ନେତାନ୍ୟାହୁ ଇରାନର ନାଗରିକମାନଙ୍କୁ ଅତ୍ୟନ୍ତ ସାହସୀ ଏବଂ ମର୍ଯ୍ୟାଦାବାନ ବୋଲି ବର୍ଣ୍ଣନା କରିଛନ୍ତି ତଥା ସେମାନଙ୍କ ପ୍ରତି ତାଙ୍କର ଗଭୀର ସମ୍ମାନ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ପ୍ରତିବର୍ଷ ପରି, ସେ ଇରାନବାସୀଙ୍କୁ ସେମାନଙ୍କର ପ୍ରାଚୀନ ପାରମ୍ପରିକ ପର୍ବଗୁଡ଼ିକରେ ଆନ୍ତରିକ ଶୁଭେଚ୍ଛା ଏବଂ



ଶୁଭକାମନା ଜଣାଉଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଆଲୋକ ଏବଂ ଅଗ୍ନିର ଏକ ପ୍ରାଚୀନ ଇରାନୀ ପର୍ବ ଚହାରଶମ୍ବେ ସୁରି ବିଷୟରେ ବିଶେଷ ଭାବରେ ଉଲ୍ଲେଖ କରିଛନ୍ତି । ନେତାନ୍ୟାହୁ କହିଛନ୍ତି ଯେ ଚହାରଶମ୍ବେ ସୁରି ପର୍ବ ଇରାନ ଲୋକଙ୍କ ପ୍ରାଚୀନ ବିଶ୍ୱାସର ପ୍ରତୀକ । ଏହା ପ୍ରତିବାଦନ କରେ ଯେ,ଆଲୋକ ସର୍ବଦା ଅନ୍ଧକାରକୁ ପରାସ୍ତ କରେ । ଶେଷରେ ଭଲ ମନ୍ଦ ଉପରେ ବିଜୟ ଲାଭ କରେ, ଏବଂ ଇରାନ ଲୋକଙ୍କ ବର୍ତ୍ତମାନର ସଂଘର୍ଷ ଏହି ଦିଗରେ ଗତି କରୁଛି । ଇସ୍ରାଏଲୀ ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ବାର୍ତ୍ତା ଇଂରାଜୀରେ ରହିଛି । କିନ୍ତୁ ଇରାନ ଲୋକଙ୍କ ସୁବିଧା ପାଇଁ ପାର୍ସୀ ଉପଶୀର୍ଷକ ମଧ ବ୍ୟବହାର କରାଯାଇଛି । ଆସନ୍ତା ଶୁକ୍ରବାର ପାଳିତ ହେବାକୁ ଥିବା ନୌରୋଜ୍ ପାଇଁ ତାଙ୍କର ଆଗୁଆ ଶୁଭେଚ୍ଛା ଜଣାଇ ବେଞ୍ଜାମିନ୍ ନେତାନ୍ୟାହୁ ଇରାନର ଏକ ଉନ୍ନତ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସେ ଆଶା ପ୍ରକାଶ କରିଛନ୍ତି ଯେ ଏହି ନୂତନ ବର୍ଷ ଇରାନ ଲୋକଙ୍କ ପାଇଁ ପ୍ରକୃତ ସ୍ୱାଧୀନତାର ବର୍ଷ ହେବ ଏବଂ ସେମାନଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପରିବର୍ତ୍ତନ ଆଣିବ । ଏହି ବାର୍ତ୍ତାକୁ ଯୁଦ୍ଧର ଏହି କଷ୍ଟକର ସମୟରେ ଇରାନ ଲୋକଙ୍କ ସହାନୁଭୂତି ଏବଂ ସମର୍ଥନ ସିଧାସଳଖ ହାସଲ କରିବା ପାଇଁ ଏକ କୂଟନୈତିକ ପ୍ରୟାସ ଭାବରେ ଦେଖାଯାଉଛି । ତାଙ୍କ ଭାଷଣ ମାଧ୍ୟମରେ, ନେତାନ୍ୟାହୁ ଇରାନ ରାଜନୈତିକ ନେତୃତ୍ୱ ପରିବର୍ତ୍ତେ ଇରାନ ଲୋକଙ୍କ ସହିତ ସିଧାସଳଖ ଯୋଗାଯୋଗ କରିବାର ଏକ ନୂତନ ଏବଂ ପ୍ରଭାବଶାଳୀ ରଣନୀତି ଗ୍ରହଣ କରିଛନ୍ତି । ଯୁଦ୍ଧର ଉତ୍ତେଜନାପୂର୍ଣ୍ଣ ପରିବେଶରେ ଏପରି ଏକ ଭିଡିଓ ବାର୍ତ୍ତା ପ୍ରକାଶ କରିବା ଦର୍ଶାଉଛି ଯେ ,ଇସ୍ରାଏଲ ଯୁଦ୍ଧକ୍ଷେତ୍ର ଏବଂ ମାନସିକ ଦୃଷ୍ଟିକୋଣରୁ ସକ୍ରିୟ । ଏହି ବାର୍ତ୍ତା ଅନ୍ତର୍ଜାତୀୟ ସ୍ତରରେ ସ୍ପଷ୍ଟ କରିଛି, ନେତାନ୍ୟାହୁ କେବଳ ସୁରକ୍ଷିତ ନୁହଁନ୍ତି ବରଂ ଆଞ୍ଚଳିକ ରାଜନୀତି ଉପରେ ମଧ କଡ଼ା ନଜର ରଖିଛନ୍ତି ।

# ଇରାନକୁ ପ୍ରଶଂସା କଲେ ଟ୍ରମ୍ପ

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି):**ଇରାନ ସହିତ ଆମେରିକା-ଇସ୍ରାଏଲ ଯୁଦ୍ଧର ୧୮ତମ ଦିନରେ ପହଞ୍ଚିଛି । ଏହି ସଂଘର୍ଷ ଦିନକୁ ଦିନ ଅଧିକ ଭୟଙ୍କର ହେବାରେ ଲାଗିଛି, କିନ୍ତୁ କୌଣସି ପକ୍ଷ ପଛକୁ ହଟିବାକୁ ପ୍ରସ୍ତୁତ ନୁହଁନ୍ତି । ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପ୍ରଶଂସା କରିଛନ୍ତି । ସେ ଇରାନ ସହିତ ଚାଲିଥିବା ଯୁଦ୍ଧକୁ ଏକ ବଡ଼ ଚେସ୍ ମ୍ୟାଚ୍ ସହିତ ତୁଳନା କରିଛନ୍ତି । ସେ କହିଛନ୍ତି, ମୁଁ ବିଶ୍ୱର ସର୍ବୋଚ୍ଚ ଆଇକ୍ୟୁ ଥିବା ଲୋକଙ୍କ ସହ ଲଢେଇର ସମ୍ମୁଖୀନ ହୋଇଛି । ମୁଁ ଇରାନର ଧୁରନ୍ଧରମାନଙ୍କ ସହ ଚେସବୋର୍ଡରେ ଖେଳୁଛି । ହ୍ୱାଇଟ୍ ହାଉସରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ଡୋନାଲ୍ଡ ଟ୍ରମ୍ପ ଇରାନୀ ସାମରିକ କମାଣ୍ଡର ଜେନେରାଲ କାସେମ ସୋଲେମାନୀଙ୍କ ପ୍ରଶଂସା କରି ତାଙ୍କୁ ଜଣେ ଉତ୍କୃଷ୍ଟ ଜେନେରାଲ ବୋଲି



କହିଛନ୍ତି । ଯଦି ଆମେ ତାଙ୍କୁ ହତ୍ୟା କରିନଥାନ୍ତୁ, ତେବେ ଆମେ ଆଜି ଯେଉଁଠାରେ ଅଛୁ ସେଠାରେ ନଥାନ୍ତୁ । ମୋ ପ୍ରଥମ କାର୍ଯ୍ୟକାଳରେ ଆମେ ତାଙ୍କୁ ହତ୍ୟା କରିଥିଲୁ । ବୋମା ବିସ୍ଫୋରଣ ଥିଲା ସୋଲେମାନୀଙ୍କର ମୁଖ୍ୟ ଅସ୍ତ୍ର । ଜେନେରାଲ ସୋଲେମାନୀ ଜଣେ ବିପଦପୂର୍ଣ୍ଣ ବ୍ୟକ୍ତି ଥିଲେ, କିନ୍ତୁ ସେ ଥିଲେ ଜଣେ ମହାନ ଜେନେରାଲ । ମୁଁ ଭାବୁନାହିଁ ଯେ, ଗୁପ୍ତଚରୀ ଦୃଷ୍ଟିରୁ କେହି ଜେନେରାଲ ସୋଲେମାନୀଙ୍କର ସ୍ଥାନ ନେଇପାରିବେ । ଆମେରିକା ଜାନୁଆରି ୨୦୨୦ରେ ଇରାକରେ ଏକ ଡ୍ରୋନ୍ ଆକ୍ରମଣରେ ସୋଲେମାନୀଙ୍କୁ ହତ୍ୟା କରିଥିଲା । ଟ୍ରମ୍ପ କହିଛନ୍ତି, ଇରାନର ପତନ ସେହି ଦିନଠାରୁ ଆରମ୍ଭ ହୋଇଥିଲା । ଟ୍ରମ୍ପଙ୍କୁ ପଚରାଯାଇଥିଲା, ଇରାନ ସହିତ ଯୁଦ୍ଧ ଶୀଘ୍ର ଶେଷ ହେବାକୁ ଯାଉଛି କି ? ଉତ୍ତରରେ ଟ୍ରମ୍ପ କହିଥିଲେ, ହଁ, ଏହା ଶୀଘ୍ର ଶେଷ ହେବ । ଏହା ପରେ ଆମ ବିଶ୍ୱ ସୁରକ୍ଷିତ ହେବ । ଏହା କରିବା ମୋର କର୍ତ୍ତବ୍ୟ ଥିଲା । ଟ୍ରମ୍ପ କହିଛନ୍ତି, ଏହା ଏକ ବହୁତ ଉଚ୍ଚସ୍ତରୀୟ ଚେସ୍ ଖେଳୟ ମୁଁ ବହୁତ ଚତୁର ଖେଳାଳିଙ୍କ ବିପକ୍ଷରେ ଅଛି । ସେମାନେ ବହୁତ ଚତୁର ଲୋକୟ ସେମାନେ ଉଚ୍ଚ ବୌଦ୍ଧିକ କ୍ଷମତା ଏବଂ ବହୁତ ଉନ୍ନତ ଆଇକ୍ୟୁ ଥିବା ଲୋକ । କିନ୍ତୁ ସେମାନେ ହିଂସାତ୍ମକ ଏବଂ ଦୁଷ୍ଟ ମଧ ବୋଲି ଟ୍ରମ୍ପ କହିଛନ୍ତି ।

# ନିରସ୍ତ୍ର ଆଫଗାନ ନାଗରିକଙ୍କ ଉପରେ ଆକ୍ରମଣ ଅମାନବୀୟ ଓ କାପୁରୁଷତା

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି):** କାବୁଲର ଏକ ହସ୍ପିଟାଲ ଉପରେ ପାକିସ୍ତାନ ଦ୍ୱାରା କରାଯାଇଥିବା ଏୟାର୍ ଷ୍ଟ୍ରାଇକରେ ୪୦୦ ଜଣଙ୍କ ମୃତ୍ୟୁ ଘଟିଛି । ଭାରତ ସରକାର ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ଭାରତ କହିଛି, ଏହା ନିରସ୍ତ୍ର ନାଗରିକଙ୍କ ବିରୋଧରେ କାପୁରୁଷତା ଏବଂ ଅମାନବୀୟ ହିଂସା । ଯାହାକୁ ସାମରିକ କାର୍ଯ୍ୟାନୁଷ୍ଠାନ ଭାବରେ କୌଣସି ପ୍ରକାରେ ଯଥାର୍ଥ କରାଯାଇ ପାରିବ ନାହିଁ । ଏନେଇ ନୂଆଦିଲ୍ଲୀ ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଭାରତ ସରକାର ଏହାକୁ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ସିଧାସଳଖ ଆକ୍ରମଣ ଏବଂ ଆଞ୍ଚଳିକ ଶାନ୍ତି ପାଇଁ ବିପଦ ବୋଲି କହିଛନ୍ତି । ପାକିସ୍ତାନ ନିଜର ଆଭ୍ୟନ୍ତରୀଣ ବିଫଳତାକୁ ଲୁଚାଇବା ପାଇଁ ବାରମ୍ବାର ସୀମାପାର ହିଂସାର ଆଶ୍ରୟ ନେଇଥିବା ଭାରତ କହିଛି । ଏନେଇ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରି କହିଛି, ୧୬ ମାର୍ଚ୍ଚ ରାତିରେ କାବୁଲର ଓମିଦ୍ ଡ୍ରଗ୍ସ ପୁନର୍ବାସ ହସ୍ପିଟାଲ ଉପରେ ପାକିସ୍ତାନ ଦ୍ୱାରା କରାଯାଇଥିବା ବର୍ବର ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରୁଛି । ଏଥିରେ ବହୁ ସଂଖ୍ୟକ ସାଧାରଣ ଲୋକଙ୍କ ଜୀବନ ଯାଇଛି । ଏହି



ହସ୍ପିଟାଲକୁ କୌଣସି ପ୍ରକାରେ ସାମରିକ ଟାର୍ଗେଟ ଭାବରେ ବିବେଚନା କରାଯାଇପାରିବ ନାହିଁ । ପାକିସ୍ତାନ ଏବେ ଏହି ନରସଂହାରକୁ ଏକ ସାମରିକ ଅଭିଯାନ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଛି । ଭାରତ କହିଛି ଯେ ପାକିସ୍ତାନ ଦ୍ୱାରା ଏହି ଆକ୍ରମଣଗୁଡ଼ିକ ପବିତ୍ର ରମଜାନ ମାସରେ କରାଯାଉଛି । ରମଜାନ ମାସରେ ହସ୍ପିଟାଲ ଏବଂ ରୋଗୀଙ୍କୁ ଟାର୍ଗେଟ କରିବା ଆହୁରି ନିନ୍ଦନୀୟ । ନୂଆଦିଲ୍ଲୀ ସ୍ପଷ୍ଟ କରିଛି ଯେ କୌଣସି ଧର୍ମ, କୌଣସି ଆଇନ ଏବଂ କୌଣସି ନୈତିକତା କୌଣସି ହସ୍ପିଟାଲ କିମ୍ବା ଏହାର ରୋଗୀଙ୍କୁ ଜାଣିଶୁଣି ଟାର୍ଗେଟ କରିବା ଯଥାର୍ଥ କରିପାରିବ ନାହିଁ । ଏହା ସହିତ, ଭାରତ ସରକାର ଆକ୍ରମଣରେ ପ୍ରଭାବିତ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ଏହି କଠିନ ପରିସ୍ଥିତିରେ ଆମେ ଆଫଗାନିସ୍ତାନର ଲୋକଙ୍କ ସହିତ ଠିଆ ହୋଇଛୁ । ଏହା ସହ ଆଫଗାନିସ୍ତାନର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତା ପ୍ରତି ଭାରତ ନିଜର ଅଟଳ ସମର୍ଥନକୁ ଦୋହରାଇଛି । ତାଲିବାନ ସରକାରୀ ଅଧିକାରୀଙ୍କ ଅନୁଯାୟୀ, ରାତି ପ୍ରାୟ ୯ଟାରେ କାବୁଲର ୨୦୦୦ ଶଯ୍ୟା ବିଶିଷ୍ଟ ଉମିଦ ନିଶା ହସ୍ପିଟାଲକୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା । ତାଲିବାନର ଉପ ମୁଖପାତ୍ର ମୁଲ୍ଲା ହମଦୁଲ୍ଲା ଫିତ୍ରତ କହିଛନ୍ତି , ଆକ୍ରମଣରେ ହସ୍ପିଟାଲର ବ୍ୟାପକ କ୍ଷତି ହୋଇଛି ।

## ଶ୍ରୀଲଙ୍କାରେ ତେଲ ସଂକଟ ପାଇଁ ପ୍ରତି ବୁଧବାର ଛୁଟି ଘୋଷଣା

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି):**ପଶ୍ଚିମ ଏସିଆରେ ଯୁଦ୍ଧର ବଡ଼ ପ୍ରଭାବ ଶ୍ରୀଲଙ୍କା ଉପରେ ପଡ଼ିଛି । ଶ୍ରୀଲଙ୍କାରେ ପେଟ୍ରୋଲ ଓ ଡିଜେଲର ଘୋର ଅଭାବ ଦେଖାଦେଇଛି । ତେଲ ବଞ୍ଚାଇ ରଖିବା ପାଇଁ ଶ୍ରୀଲଙ୍କା ସରକାର ପ୍ରତି ବୁଧବାରକୁ ଛୁଟି ଘୋଷଣା କରିଛନ୍ତି । ଶନିବାର ଓ ରବିବାର ଛୁଟି ସହିତ ବୁଧବାର ଦିନ ମଧ୍ୟ କର୍ମଚାରୀମାନେ ଛୁଟି ପାଇବେ । ଶୁକ୍ରବାର ପରିବର୍ତ୍ତେ ବୁଧବାରକୁ ଛୁଟି ଘୋଷଣା କରିବାର କାରଣ ହେଲା ଲଗାତାର ୩ ଦିନ କାର୍ଯ୍ୟାଳୟ ବନ୍ଦ ରହିଲେ ଲୋକେ ଅଧିକ ଅସୁବିଧାର ସମ୍ମୁଖୀନ ହେବେ । ବର୍ତ୍ତମାନ ସପ୍ତାହକୁ ୪ ଦିନ ଅଫିସ ଖୋଲା ରହିବ ଏବଂ ୩ ଦିନ ଛୁଟି ହେବ । ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ମଧ୍ୟ ଏହି ସପ୍ତାହକୁ ୪ ଦିନିଆ କାର୍ଯ୍ୟଦିବସ ନିୟମ କାର୍ଯ୍ୟକାରୀ ହେବ । ଏଥିସହିତ ଗାଡ଼ିମାଲିକମାନଙ୍କୁ କଣ୍ଟ୍ରୋଲରେ ପେଟ୍ରୋଲ ଓ ଡିଜେଲ ଯୋଗାଇ ଦିଆଯିବ । ଗାଡ଼ିମାଲିକମାନଙ୍କୁ ଜାତୀୟ ଇନ୍ଧନ ପାସ୍ ଆବେଦନ କରିବାକୁ କୁହାଯାଇଛି । ସେହି ପାସରେ କାର୍ ମାଲିକଙ୍କୁ ୧୫ ଲିଟର ଏବଂ ମୋଟରସାଇକଲ୍ ମାଲିକଙ୍କୁ ୫ ଲିଟରର ଇନ୍ଧନ ଦିଆଯିବ ।

# ଆଫଗାନିସ୍ତାନ ଉପରେ ବର୍ବରତା କରୁଛି ପାକିସ୍ତାନ

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି):**ଆଫଗାନିସ୍ତାନର ରାଜଧାନୀ କାବୁଲର ଏକ ହସ୍ପିଟାଲରେ ପାକିସ୍ତାନର ବିମାନ ଆକ୍ରମଣକୁ କଂଗ୍ରେସ ନିନ୍ଦା କରିଛି ଏବଂ ମଙ୍ଗଳବାର ଦିନ କହିଛି ଯେ, ଏହିପରି ବର୍ବରତାକୁ ବିଶ୍ୱସ୍ତରରେ ଦୃଢତାର ସହ ଖାରଜ କରାଯିବା ଉଚିତ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ, କଂଗ୍ରେସ ଆଫଗାନିସ୍ତାନର ସେହି ପରିବାର ପ୍ରତି ସମ୍ବେଦନା ପ୍ରକଟ କରୁଛି ,ଯିଏକି ନିଜର ପ୍ରିୟଜନଙ୍କୁ ହରାଇଛନ୍ତି । ସେ ଏକ୍ସରେ ନିଜର ପୋଷ୍ଟରେ କହିଛନ୍ତି - ଆମେ କାବୁଲରେ ଏକ ହସ୍ପିଟାଲରେ



ପାକିସ୍ତାନ ଦ୍ୱାରା କରାଯାଇ ଥିବା ବିମାନ ଆକ୍ରମଣ ପରେ ଧନଜୀବନର ଭୟଙ୍କର କ୍ଷୟକ୍ଷତିରେ ବହୁତ ବ୍ୟଥିତ । ଏଥିରେ ପ୍ରାୟ ୪୦୦ ଲୋକଙ୍କ ମୃତ୍ୟୁ ହୋଇଛି । କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି , ଆମେ ମାନବତା ବିରୁଦ୍ଧରେ ଏମିତି କାର୍ଯ୍ୟର କଡ଼ା ଶବ୍ଦରେ ନିନ୍ଦା କରୁଛୁ । ଏହିପରି ବର୍ବରତାକୁ ବିଶ୍ୱ ସ୍ତରରେ ଦୃଢତାର ସହ ଖଣ୍ଡନ କରାଯିବା ଉଚିତ ଏବଂ ଭାରତକୁ ଖୋଲାଖୋଲି ଆଫଗାନିସ୍ତାନର ସମର୍ଥନ କରିବା ଉଚିତ । ସେ କହିଛନ୍ତି ଭାରତ , ଆଫଗାନିସ୍ତାନର ଲୋକଙ୍କ ସହ ଦୀର୍ଘ ଦିନରୁ ବନ୍ଧିତା ଓ ସଦଭାବନାର ସଂପର୍କ ସୃଷ୍ଟି କରିଛି । ଏହି କଠିନ ସମୟରେ , ଆମେ ନିଜର ଆଫଗାନ ପଡୋଶୀଙ୍କ ସହ ସହାନୁଭୂତି ପ୍ରକାଶ କରୁଛୁ ଏବଂ ତାଙ୍କ ରାଷ୍ଟ୍ର ପାଇଁ ଶାନ୍ତି ଓ ସ୍ଥିରତାର କାମନା କରୁଛୁ । କାବୁଲରେ ଏକ ହସ୍ପିଟାଲରେ ପାକିସ୍ତାନୀ ବିମାନ ଆକ୍ରମଣରେ ୪୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା । ଆଫଗାନିସ୍ତାନର ସରକାରୀ ଉପମୁଖପାତ୍ର ମଙ୍ଗଳବାର ସକାଳେ ଏହ ସୂଚନା ଦେଇଛନ୍ତି । ପାକିସ୍ତାନ ଯେଉଁ ହସ୍ପିଟାଲରେ ଆକ୍ରମଣ କରିଛି, ସେଠାରେ ଡ୍ରଗ୍ ଆଡିକ୍ଟେଡ୍ ଲୋକଙ୍କ ଚିକିତ୍ସା କରାଯାଉ ଥିଲା । ଆଫଗାନ ସରକାରର ଉପ ମୁଖପାତ୍ର ହମଦୁଲ୍ଲାହ ଫିତରତ ଏକ୍ସରେ ଏକ ପୋଷ୍ଟରେ କହିଥିଲେ , ସୋମବାର ରାତିରେ ହୋଇଥିବା ଆକ୍ରମଣରେ ହସ୍ପିଟାଲର ବଡ଼ ଭାଗ ଧ୍ୱଂସ ହୋଇ ଯାଇଛି । ଆକ୍ରମଣରେ ୪୦୦ ଜଣଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫୦ ଜଣ ଲୋକ ଆହତ ହୋଇଛନ୍ତି ।

## ପଶ୍ଚିମ ଏସିଆ ସଙ୍କଟର ସମାଧାନ ପାଇଁ ଭାରତ ଉପରେ ଭରସା କଲା ବିଶ୍ୱ

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି):**ପଶ୍ଚିମ ଏସିଆରେ ଜାରି ରହିଥିବା ଭୟଙ୍କର ଯୁଦ୍ଧ ଓ ଅସ୍ଥିରତାକୁ ରୋକିବା ପାଇଁ ଭାରତ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁ ବୋଲି ବିଶ୍ୱ ସମୁଦାୟ ଆଶା ପ୍ରକାଶ କରିଛି । ଫିନଲ୍ୟାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ୍ ଏହି ସଙ୍କଟର ସମାଧାନ ପାଇଁ ଭାରତକୁ ଆମେରିକା ଓ ଇରାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ, ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ରକ୍ତାକ୍ତ ସଂଘର୍ଷକୁ ବନ୍ଦ କରିବା ଏବେ ବିଶ୍ୱ ପାଇଁ ସବୁଠାରୁ ବଡ଼ ଆବଶ୍ୟକତା ପାଲଟିଛି । ଭାରତ ହେଉଛି ଏପରି ଏକ ଦେଶ ଯାହାକୁ ଉଭୟ ପକ୍ଷ ବିଶ୍ୱାସ କରନ୍ତି । ତେଣୁ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ପ୍ରକୃତରେ ସାମିଲ ହେଲେ ଏହା ସାରା ବିଶ୍ୱ ପାଇଁ ମଙ୍ଗଳକର ହେବ, ବୋଲି ସେ ମତ ପ୍ରକାଶ କରିଛନ୍ତି । ମାର୍ଚ୍ଚ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ରାଇସିନା ଡାଏଲଗରେ ଷ୍ଟବ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପଶ୍ଚିମ ଏସିଆର ସଙ୍କଟ ଯୋଗୁଁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହେଉଥିବାରୁ ଏକ ଯୁଦ୍ଧବିରତି ଜରୁରୀ ବୋଲି ସେ ଦୋହରାଇଛନ୍ତି । ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ଏହି ପ୍ରସଙ୍ଗରେ ଭାରତର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱକୁ ସମର୍ଥନ କରୁଥିବା ଜଣାପଡ଼ିଛି । ଅନ୍ୟପଟେ, ହର୍ମୁଜ୍ ପ୍ରଣାଳୀ ଅବରୋଧ ଯୋଗୁଁ ବିଶ୍ୱର ଶକ୍ତି ଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ ଭାରତ କୂଟନୈତିକ ସ୍ତରରେ ନିଜର ପ୍ରୟାସ ଜାରି ରଖିଛି । ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ନିରନ୍ତର ଭାବେ ଇରାନର ବୈଦେଶିକ ମନ୍ତ୍ରୀ ସେୟଦ ଆବାସ ଆରାଘଚିଙ୍କ ସହ ଯୋଗାଯୋଗରେ ଅଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ଇରାନ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରି ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଛନ୍ତି ।

# ଏଥର ନନ୍ଦିଗ୍ରାମରୁ ଲଢିବେନି ମମତା

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି):**ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ନେଇ ତାରିଖ ଘୋଷଣା ପରେ ପ୍ରମୁଖ ୩ ରାଜନୈତିକ ଦଳ ମଇଦାନରେ ତତ୍ପରତା ଦେଖାଇଛନ୍ତି । ଗତକାଲି ବିଜେପି ଓ ସିପିଆଇଏମ କିଛି ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଥିବା ବେଳେ ଆଜି ଶାସକ ଟିଏମସି ମଧ୍ୟ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ପ୍ରଥମ ପର୍ଯ୍ୟାୟରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧିନ ଟିଏମସି ସର୍ବାଧିକ ୨୯୧ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି



। ସବୁଠାରୁ ବଡ଼ କଥା ହେଉଛି ଏଥର ପୁଣି ମମତା ବାନାର୍ଜୀ ଭବାନୀପୁର ଆସନରୁ ନିର୍ବାଚନ ଲଢିବେ । ତାଙ୍କ ବିପକ୍ଷରେ ବିଜେପି ପୁଣି ଶୁଭେନ୍ଦୁ ଅଧିକାରୀଙ୍କୁ ପ୍ରାର୍ଥୀ କରିଛି । ସେପଟେ ତାରିଖ ଘୋଷଣା ସରିବା ପରେ ନିର୍ବାଚନୀ ପ୍ରସ୍ତୁତି ନେଇ ନିର୍ବାଚନ ଆୟୋଗ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଏହି କ୍ରମରେ ପ୍ରାଶାସନିକ ସ୍ତରରେ ବଡ଼ ଧରଣର ଅଦଳ ବଦଳ ହୋଇଛି । ନିର୍ବାଚନ ଆୟୋଗ ରାଜ୍ୟର ଅନେକ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ବଦଳି କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାର୍ଚ୍ଚ ୧୭ ୨୦୨୬ ରେ ଜାରି ଆଦେଶକୁ ତତ୍କାଳ କାର୍ଯ୍ୟକାରୀ କରିବାକୁ କୁହାଯାଇଛି । ଅନ୍ୟପଟେ ବିଜେପି ୧୪୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଜାରି କରିଛି । ସୋମବାର ଦିନ ଜାରି କରାଯାଇଥିବା ସୂଚୀ ମୁତାବକ ମମତା ବାନାର୍ଜୀଙ୍କ ଘେରିବାକୁ ବିଜେପି ଶୁଭେନ୍ଦୁ ଅଧିକାରୀଙ୍କୁ ଉଭୟ ଭବାନୀପୁର ଓ ନନ୍ଦିଗ୍ରାମରୁ ପ୍ରାର୍ଥୀ କରିଛି । ୨୦୨୧ ନିର୍ବାଚନରେ ନନ୍ଦିଗ୍ରାମ ଆସନରୁ ଶୁଭେନ୍ଦୁ ଅଧିକାରୀ ମମତା ବାନାର୍ଜୀଙ୍କୁ ୨ ହଜାରରୁ ଅଧିକ ଭୋଟରେ ପରାଜିତ କରିଥିଲେ ।

## ମୁସଲିମ୍ ଦେଶଗୁଡ଼ିକର ମନୋଭାବ ନେଇ ଇରାନ ଅସନ୍ତୁଷ୍ଟ

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି):**ଯୁଦ୍ଧ ସମୟରେ ଇରାନ ମୁସଲିମ୍ ଦେଶମାନଙ୍କଠାରୁ ଆଶା କରିଥିବା ସମର୍ଥନ ପାଉନାହିଁ । କେହି ଖୋଲାଖୋଲି ଭାବରେ ସମର୍ଥନରେ କହୁନାହାନ୍ତି, କିମ୍ବା କେହି ଆମେରିକା ଏବଂ ଇସ୍ରାଏଲକୁ ସମାଲୋଚନା କରୁନାହାନ୍ତି । ଅନେକ ଦେଶ ଇରାନ ବିରୋଧରେ ମଧ୍ୟ ଯାଇଛନ୍ତି । ଏହା ଇରାନକୁ ଆଶ୍ଚର୍ଯ୍ୟ ଏବଂ ବିଚଳିତ କରିଛି । ଇରାନର ସୁରକ୍ଷା ପରିଷଦର ସଚିବ ଅଲି ଲାରିଜାରି ଏବେ ବିଶ୍ୱର ମୁସଲମାନମାନଙ୍କୁ ଏକ ଚିଠି ଲେଖିଛନ୍ତି । ସେ ଲେଖିଛନ୍ତି, ଇରାନ ଉପରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ହୋଇଥିଲା, ଏହା ଆଲୋଚନା ସମୟରେ କରାଯାଇଥିବା ଏକ ପ୍ରତାରଣା ଏବଂ ଇରାନକୁ ଦୁର୍ବଳ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି ଆକ୍ରମଣର ଫଳସ୍ୱରୂପ ଇସଲାମିକ ବିପ୍ଳବର ଜଣେ ପ୍ରମୁଖ ନେତା ଏବଂ ଅନେକ ନାଗରିକ ଏବଂ ସାମରିକ କମାଣ୍ଡର ସହିଦ ହୋଇଥିଲେ । ତଥାପି, ଆକ୍ରମଣକାରୀମାନେ ଇରାନୀ ଲୋକଙ୍କଠାରୁ ଦୃଢ଼ ଜାତୀୟ ଏବଂ ଇସଲାମିକ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ । କିଛି ବ୍ୟତିକ୍ରମ ବ୍ୟତୀତ, ଅଧିକାଂଶ ଇସଲାମିକ୍ ଦେଶ କେବଳ ରାଜନୈତିକ ବିବୃତି ଦେଇଛନ୍ତି । କିନ୍ତୁ ଇରାନର ଲୋକଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇନାହାନ୍ତି । ଏହା ସତ୍ତ୍ୱେ, ଇରାନ ଲୋକମାନେ ସେମାନଙ୍କର ଦୃଢ଼ ଇଚ୍ଛାଶକ୍ତି ସହିତ ଆକ୍ରମଣକାରୀ ଶତ୍ରୁର ମୁକାବିଲା କରୁଛନ୍ତି, ଆଜି ମଧ୍ୟ ସେମାନେ ଏହି ରଣନୈତିକ ସଙ୍କଟରୁ ବାହାରିବାର ରାସ୍ତା ଖୋଜି ପାରୁନାହାନ୍ତି । ଇରାନ ବଡ଼ ସୟତାନ ଏବଂ ଛୋଟ ସୟତାନ ଅର୍ଥାତ ଯୁକ୍ତରାଷ୍ଟ୍ର ଏବଂ ଇସ୍ରାଏଲ ବିରୋଧରେ ପ୍ରତିରୋଧର ପଥ ଅନୁସରଣ କରୁଛି । ତଥାପି, କିଛି ଇସଲାମିକ୍ ସରକାରଙ୍କ ମନୋଭାବ ଆମ ସମର୍ଥନରେ ନାହିଁ ।

dishamanthan.com RNI No. ORIORI/20

## ମାଁ ମହୁରୀ କାଳୁଆପୀଠରେ ମେରୁ ସଂକ୍ରାନ୍ତି ଯାତ୍ରା ଉପଲକ୍ଷେ ଶୁଭ ଖୁଣ୍ଟି ସ୍ଥାପନ



କୁକୁଡାଖଣ୍ଡି, ୧୭।୩: ପ୍ରତ୍ୟକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଁ ମହୁରୀ କାଳୁଆ ପୀଠରେ ହେବ ମେରୁସଂକ୍ରାନ୍ତି ରେ ଯାତ୍ରା। ଏଥିପାଇଁ ଆଜି ମିନ ସଂକ୍ରାନ୍ତିରେ ସ୍ଥାପନ ହେଲା ଶୁଭଖୁଣ୍ଟି । ଉକ୍ତ କାର୍ଯ୍ୟକ୍ରମରେ ମହୁରୀ ଗଡ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ, ମନ୍ଦିର ସଭାପତି ପ୍ରମୋଦ କୁମାର ଜେନା ,ସମ୍ପାଦକ ନିରଞ୍ଜନ ମହାନ୍ତି,କୋଷାଧ୍ୟକ୍ଷ କାମେଶ୍ୱର ବିଶ୍ୱାଳ ସହଯୋଗୀ କିଶୋର ଚନ୍ଦ୍ର ପାତ୍ର ,ହିଞ୍ଜିଳିକାଟୁ ଅଧ୍ୟକ୍ଷ ସୁବାସ ପଲେଇ ,ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର,ଜଗନ୍ନାଥ ରାଉତ ,ହରି କୃଷ୍ଣ କୋଠିଆ। , ନାରାୟଣ ବିଷୋୟୀ,ଏ ଚିନ୍ତା ମଣି, ଜାଗିଲି କୋଠିଆଙ୍କ ସମେତ କମିଟିର ବହୁ ସଦସ୍ୟଙ୍କ ଉପସ୍ଥିତ ରେ ମାଁଙ୍କ ପୀଠରେ ରୀତିନୀତି ଅନୁସାରେ ଢୋଲ, ତାଳ ବଜାଇବା ସହ ହୁଳୁହୁଳୁ ଦେଇ ପୂଜାର୍ଚ୍ଚନା କରାଯିବା ସହ ମନ୍ଦିର ବେଢା ପରିକ୍ରମା ଶୁଭଖୁଣ୍ଟି ସ୍ଥାପନ କରାଯାଇ ଥିଲା । ଆଜି ମିନ ସଂକ୍ରାନ୍ତି ଅବସରରେ ହଜାର ହଜାର ଭକ୍ତ ମା'ଙ୍କ ପୀଠକୁ ଦର୍ଶନ ନିମନ୍ତେ ଆସିଥିବା ଦେଖିବାକୁ ମିଳିଛି।

# ଜଗଦଳପୁରରେ ଜନ ଅଭିଯୋଗ ଶୁଣାଣି ଶିବିର

କୁକୁଡାଖଣ୍ଡି ୧୭।୩: କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଦ୍ୱିତୀୟ ପର୍ଯ୍ୟାୟକ୍ରମେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଏ. ଶଶ୍ୟା ରେଡ୍ଡୀ, କୁକୁଡାଖଣ୍ଡି ବିଡ଼ିଓ ଡ଼. ପଲ୍ଲବ ସ୍ୱାଇଁ, ତହସିଲଦାର ରାଜକିଶୋର ପଟ୍ଟନାୟକ, ବ୍ଲକ୍ ସହକାରୀ ଯନ୍ତ୍ରୀ ଅନୁରାଗ ରଥ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁପ୍ରଭା ସାହୁ, ଜିପିଓ ଅଶୋକ କୁମାର ପଟ୍ଟନାୟକ,ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ,



ଆର୍ ଡବ୍ଲ୍ୟୁ ଏସ୍ ଏସ୍ ଯନ୍ତ୍ରୀ ମନସ୍ୱିନୀ ମହାପାତ୍ର, ସ୍ଥାନୀୟ ବିଦ୍ୟୁ ବିଭାଗୀୟ ଯନ୍ତ୍ରୀ ନିରଞ୍ଜନ ବେହେରା, ସିଡିପିଓ କୁସୁମ କୁମାରୀ ସାହୁ, ଯୋଗାଣ ଅଧିକାରୀ ସୁଧାକର ମଲିକ , ଆରଆଇ ପ୍ରମିଳା ଦୋରା, ପିଇଓ ତନ୍ମୟୀ ପଟ୍ଟନାୟକ, ନକ୍ଷତ୍ରମାଳା ପ୍ରଧାନ, ସମସ୍ତ ଅଙ୍ଗନବାଡ଼ି କର୍ମୀ ଙ୍କ ସମେତ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ସମସ୍ୟା ଥିଲା ରାସ୍ତାର ଉନ୍ନତିକରଣ, ପ୍ରାଥମିକ ଶିକ୍ଷାର ବିକାଶ, ବିଧବା, ବାର୍ଦ୍ଧକ୍ୟ, ବିକଳାଙ୍ଗ ଭତ୍ତା, ରାସନ କାର୍ଡର ସଂଶୋଧନ, ଆବାସ ଯୋଜନା ନୂତନ ତାଲିକା ପ୍ରସ୍ତୁତ, ପାନୀୟ ଜଳ ଘରେ ଘରେ ଯୋଗାଣ ଭଳି ବିଭିନ୍ନ ସମସ୍ୟା ଉପରେ ଲୋକମାନଙ୍କ ସହ ଆଲୋଚନା ହୋଇଥିଲା । ଶିବିରରେ ମୋଟ ବ୍ୟକ୍ତିଗତ ଭାବେ ୧୨୦ଟି ଅଭିଯୋଗ ଶୁଣାଣୀ ହୋଇଛି ।

ଏଥିମଧ୍ୟରେ ଜଗଦଳପୁର ମୁଖ୍ୟ ରାସ୍ତା ନିର୍ମାଣରେ ପିଡବ୍ଲ୍ୟୁଡି ବିଭାଗର ମନମୁଖୀ କାର୍ଯ୍ୟକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସେହିଭଳି କିଛି ପ୍ଲଟ ବେପାରୀ ସ୍ଥାନୀୟ ଅଞ୍ଚଳରେ ଜମି କ୍ରୟ କରି ପ୍ଲଟ ଭାଙ୍ଗି ଲୋକଙ୍କୁ ଭୁଆଁ ବୁଲାଇ ପ୍ଲଟ ବିକ୍ରି କରି ମାଲାମାଲ ହେଉଥିବା ବେଳେ ପ୍ଲଟ ରୋଡ ଗୁଡିକ ପଞ୍ଚାୟତ କୁ ହସ୍ତାନ୍ତର ନକରି ନିଜ ଅକ୍ତିଆରରେ ରଖିଛନ୍ତି। ଫଳରେ ରାସ୍ତା, ବିଦ୍ୟୁତ, ପାନୀୟ ଜଳ, ଯୋଗାଣରେ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ପଞ୍ଚାୟତ ପକ୍ଷରୁ କୌଣସି ଉନ୍ନୟନ କାର୍ଯ୍ୟ ହୋଇପାରୁଥିବା ନେଇ ଅଭିଯୋଗ କରିଥିଲେ ସ୍ଥାନୀୟ ଅଞ୍ଚଳବାସୀ। ସେହିଭଳି ପିଲାଖାଇ ବନ୍ଧ ଓ ମାଲେଶ୍ବୁ ବନ୍ଧ ପୋଖରି ରୁ ଦଳ ନିଷ୍କାସନ ପାଇଁ ପ୍ରଶାସନ ନିକଟରେ ଗୁହାରି କରିଥିଲେ ଅଞ୍ଚଳବାସୀ।

## ଜ୍ଞାନ ପ୍ରକାଶର ପ୍ରତିଷ୍ଠା ଦିବସ

ବ୍ୟାସନଗର, ୧୬।୩(ନି.ପ୍ର.): ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅନ୍ତର୍ଗତ ହୋଟେଲ ଉତ୍ସବ ପ୍ୟାଲେଶ୍ ପରିସରରେ ଆନ୍ତର୍ଜାତୀୟ ସ୍ତରର ଶିକ୍ଷା ସାହିତ୍ୟ ଅନୁଷ୍ଠାନ ' ଜ୍ଞାନ ପ୍ରକାଶ ର ଦଶମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।



ଏହି ଅବସରରେ ବଉଳ ଫୁଲ ର ସମ୍ପାଦିକା ବ୍ରଜେଶ୍ୱରୀ ସିଂହ ଶିକ୍ଷାବିତ ତଥା ସାହିତ୍ୟିକ ସଚ୍ଚିଦାନନ୍ଦ ଗୁରୁ,ବ୍ୟଙ୍ଗ କବି ଶରତ କୁମାର ଦାସ,,କବି ମହେଶ୍ୱର ନାୟକ,କବି ଚୟରଣ ମଧୁ ସୁଦନ ମହାପାତ୍ର, କବି ଶାନ୍ତନୁ କୁମାର ରାଉତ ଏବଂ ମଞ୍ଜୁଲତା ନାୟକ ଙ୍କ ସମେତ ବହୁ ସାହିତ୍ୟିକ ଯୋଗଦାନ କରିଥିଲେ। ଅଗଷ୍ଟ ଦୁଇ ତାରିଖରେ ଜ୍ଞାନ ପ୍ରକାଶ ର ବାର୍ଷିକ ଉତ୍ସବ ଓ ଜାତୀୟ ସ୍ତରର ସମ୍ମିଳନୀ ପୁରୀ ଠାରେ ଅନୁଷ୍ଠିତ ହେବ ବୋଲି ଜ୍ଞାନ ପ୍ରକାଶ ର ଜିଲ୍ଲା ମୁଖ୍ୟ ନବଘନ ସ୍ୱାଇଁ ପ୍ରକାଶ କରିଛନ୍ତି।

## ନିତା ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୫

ଭୁବନେଶ୍ୱର, ୧୭।୩: ରିଲାଏନ୍‌ସ ଫାଉଣ୍ଡେସନର ପ୍ରତିଷ୍ଠାତା ଓ ଚେୟାରପର୍ସନ ନିତା ଏମ୍. ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସୋମବାର କିସ୍ ଦୃତି ଚାନ୍ଦ ଆଥଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ନିତା ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀଲଙ୍କାର ନୋବେଲ ବିଜେତା ପ୍ରଫେସର ମୋହନ ମୁନାସିଂହେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରିଥିଲେ। ରିଲାଏନ୍‌ସ ଫାଉଣ୍ଡେସନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ପରିବର୍ତ୍ତନ, ମହିଳା ସଶକ୍ତିକରଣ ଏବଂ କ୍ରୀଡା ପ୍ରୋତ୍ସାହନ ମାଧ୍ୟମରେ ସାମାଜିକ ବିକାଶରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଗ୍ରହଣ କରିବା ସହ କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇ ଶ୍ରୀମତୀ ଅମ୍ବାନୀ କହିଲେ ଓଡ଼ିଶାରେ ଅନେକ ଭବ୍ୟ ମନ୍ଦିର ରହିଛି।

# ଚର୍ଲାପାଲ୍ଲିରୁ କାମାକ୍ଷା ଓ ଶାଲିମାରକୁ ଦୁଇଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ ସେବା

ଭୁବନେଶ୍ୱର, ୧୭।୩(ନି.ପ୍ର.):ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳବାଇ ଦୁଇଟି ନୂତନ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ, ଟ୍ରେନ ନମ୍ବର ୧୫୬୭୩/୧୫୬୭୪ ଚର୍ଲାପାଲ୍ଲି-କାମାକ୍ଷା-ଚର୍ଲାପାଲ୍ଲି ଏବଂ ଟ୍ରେନ ନମ୍ବର ୧୭୦୬୫/୧୭୦୬୬ ଚର୍ଲାପାଲ୍ଲି- ଶାଲିମାର- ଚର୍ଲାପାଲ୍ଲି ଅମୃତ ଭାରତ ଏକ୍ସପ୍ରେସ ପ୍ରଚଳନ କରିଛି। ଏହି ଟ୍ରେନ ଗୁଡିକ ଦକ୍ଷିଣ, ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ସୁଲଭ ଏବଂ ଆରାମଦାୟକ ଯାତ୍ରା ସୁବିଧା ପ୍ରଦାନ କରିବ।

ଟ୍ରେନ ନମ୍ବର ୧୫୬୭୩ ଚର୍ଲାପାଲ୍ଲି-କାମାକ୍ଷା ଅମୃତ ଭାରତ ଏକ୍ସପ୍ରେସ ଏକ ସାପ୍ତାହିକ ସେବା ଭାବରେ ଚାଲିବ, ଯାହା ୧୮ ମାର୍ଚ୍ଚ ୨୦୨୬ ରୁ ପ୍ରତି ବୁଧବାର ଚର୍ଲାପାଲ୍ଲିରୁ ସନ୍ଧ୍ୟା ୭ଟା ୪୦ ମିନଟରେ ଛାଡି ଶୁକ୍ରବାର ଦିନ ରାତି ୧୦ ଟାରେ କାମାକ୍ଷାରେ ପହଞ୍ଚିବ। ଫେରିବା ସମୟରେ , ଟ୍ରେନ ନମ୍ବର ୧୫୬୭୪ କାମାକ୍ଷା-ଚର୍ଲାପାଲି ଅମୃତ ଭାରତ ଏକ୍ସପ୍ରେସ୍ ୨୨ ମାର୍ଚ୍ଚ ୨୦୨୬ ଠାରୁ ପ୍ରତି ରବିବାର ଦିନ ସନ୍ଧ୍ୟା ୭ଟାରେ କାମାକ୍ଷାରୁ ଛାଡିବ ଏବଂ ମଙ୍ଗଳବାର ଦିନ ଅପରାହ୍ନ ୨ଟା ୪୦ ମିନଟରେ ଚର୍ଲାପାଲିରେ ପହଞ୍ଚିବ।



ଏହାର ଯାତ୍ରା ସମୟରେ, ଟ୍ରେନଟି ପୂର୍ବ ତଟ ରେଳପଥ ଅଧିକାର କ୍ଷେତ୍ର ଅନ୍ତର୍ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଗତି କରିବ ଯେପରିକି ଦୁଭାଡା, ପେଣ୍ଡୁର୍ତି, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ବାଲୁଗାଁ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍ ଏବଂ ଭଦ୍ରକ ଇତ୍ୟାଦି। ସେହିଭଳି ଟ୍ରେନ ନମ୍ବର ୧୭୦୬୫ଚର୍ଲାପାଲ୍ଲି- ଶାଲିମାର ଅମୃତ ଭାରତ ଏକ୍ସପ୍ରେସ୍ ପ୍ରତି ମଙ୍ଗଳବାର ଚର୍ଲାପାଲ୍ଲିରୁ ୭ ଏପ୍ରିଲ ୨୦୨୬ ରୁ ସକାଳ ୬:୫୫ ରେ ଛାଡିବ ଏବଂ ବୁଧବାର ଦିନ ୧୧:୨୦ ରେ ଶାଲିମାରରେ ପହଞ୍ଚିବୟ ଫେରିବା ସମୟରେ , ଟ୍ରେନ ନମ୍ବର ୧୭୦୬୬ ଶାଲିମାର - ଚର୍ଲାପାଲ୍ଲି ଅମୃତ ଭାରତ ଏକ୍ସପ୍ରେସ୍ ପ୍ରତି ବୁଧବାର ୮ ଏପ୍ରିଲ ୨୦୨୬ ରୁ ଦିନ ୧୨:୫୦ ରେ ଶାଲିମାରରୁ ଛାଡ଼ିବ ଏବଂ ଗୁରୁବାର ଦିନ ସନ୍ଧ୍ୟା ୭ଟାରେ ଚର୍ଲାପାଲ୍ଲିରେ ପହଞ୍ଚିବ।

ଯାତ୍ରା ସମୟରେ, ଟ୍ରେନଟି ପୂର୍ବ ତଟ ରେଳପଥ ଅଧିକାର କ୍ଷେତ୍ର ଅନ୍ତର୍ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଗତି କରିବ ଯେପରିକି ଦୁଭାଡା, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍ ଏବଂ ଭଦ୍ରକ ଇତ୍ୟାଦି। ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ LHB ରେକ୍ ଟ୍ରେନ ଯାହା ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ଗତି, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେୟ ଏହି ଟ୍ରେନରେ ଏରଗୋନୋମିକାଲି ଡିଜାଇନ୍ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଖରଉ ଆଲୋକୀକରଣ, CCTV ନିରୀକ୍ଷଣ ଏବଂ ମୋବାଇଲ୍ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି।ଏହି ଟ୍ରେନର ପ୍ରଚଳନ ଦ୍ୱାରା ରେଳ ସଂଯୋଗୀକରଣ ଆହୁରି ସୁଦୃଢ଼ ହେବ ଏବଂ ପୂର୍ବତଟ ରେଳପଥର ଅଧୀନରେ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଦେଇ ଯାତ୍ରା କରୁଥିବା ଯାତ୍ରୀମାନେ ଉପକୃତ ହେବେୟ ଏହି ନୂତନ ସେବା ଛାତ୍ରଛାତ୍ରୀ, ଶ୍ରମିକ ଏବଂ ବ୍ୟବସାୟୀଙ୍କ ପାଇଁ ଗତିଶୀଳତାକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି ଏବଂ ଏହି ଟ୍ରେନ୍ ଦ୍ୱାରା ସେବା ପ୍ରଦାନ କରାଯାଉଥିବା ଅଞ୍ଚଳରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଯାତ୍ରା ଏବଂ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରୋତ୍ସାହନ ମିଳିବ।

## ଚନ୍ଦ୍ରଭାଗା ବେଳାଭୂମିରୁ ମୃତ ଡଲଫିନ ଉଦ୍ଧାର

# ବେଳାଭୂମିରେ ଭାସୁଛି ବିରଳ ବଟଲ ନୋଜ୍ ଡଲଫିନ

କୋଣାର୍କ, ୧୭।୩(ନି.ପ୍ର.): ଚନ୍ଦ୍ରଭାଗା ସାମୁଦ୍ରିକ ଅଧୀନ ଚନ୍ଦ୍ରଭାଗା ବେଳାଭୂମିରେ ଆଜି ପୂର୍ବାହ୍ନରେ ମୃତ ଡଲଫିନ ଭାସୁଥିବା ଦେଖିବାକୁ ମିଳିଛି। ମୃତ ବଟଲ ନୋଜ୍ ଡଲଫିନଟି ସମୁଦ୍ର କୂଳରେ ଭାସୁଥିବାର ଦେଖି କିଛି ପର୍ଯ୍ୟଟକ ଓ ନିକଟସ୍ଥ ତେଲୁଗୁ ବସ୍ତିର କିଛି ମତ୍ସ୍ୟଜୀବୀ କୂଳକୁ ଆଣିଥିଲେ। ମୃତ ଡଲଫିନର ଖବର ପାଇ କୋଣାର୍କ ବନବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତାକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କୋଣାର୍କ ପ୍ରାଣି ଚିକିତ୍ସାଳୟକୁ ପଠାଇଥିଲେ। ଡଲଫିନଟି ସମୁଦ୍ର ମଧ୍ୟରେ କୌଣସି ଡଙ୍ଗା ଇଞ୍ଜିନ କିମ୍ବା ଟ୍ରଲର ମାଡ଼ରେ ମୃତ୍ୟୁବରଣ କରି ସମୁଦ୍ରରେ ଭାସି ଭାସି କୂଳକୁ ଚାଲି ଆସିଥିବା ଅନୁମାନ କରାଯାଉଛି।



ଏଠାରେ ସୂଚନା ଥାଇପାରେକି ଅଲିଭ ରିଡଲେ କଇଁଛ ମାନଙ୍କ ସୁରକ୍ଷା ପାଇଁ ନିର୍ଦ୍ଦିଷ୍ଟ କିଛି ଅଞ୍ଚଳରେ ମାଛ ନମାରିବା ନିମନ୍ତେ କଟକଣା ରହିଛି। ସମୁଦ୍ରର ନିର୍ଦ୍ଦିଷ୍ଟ ଅଞ୍ଚଳରେ ବୋଟ, ଇଞ୍ଜିନ ଚାଳିତ ଡଙ୍ଗା ସହିତ ଜାଲ ପକାଇବାକୁ ବାରଣ କରାଯାଇଛି। ହେଲେ ସମୁଦ୍ରରେ କଡାକଡି ପେଟ୍ରୋଲିଂ କରାଯାଉନଥିବାରେ ଅଲିଭ ରିଡଲେଙ୍କ ସହିତ ବିରଳ ପ୍ରଜାତିର ଡଲଫିନ ମୃତ୍ୟୁମୁଖରେ ପଡୁଥିବା ସାଧାରଣରେ ଅଭିଯୋଗ ହେଉଛି। ବନ ବିଭାଗ ମତ୍ସ୍ୟ ବିଭାଗ ଦୃଷ୍ଟି ଦେବାକୁ ପରିବେଶବିତ ମାନେ ଦାବୀ ପ୍ରକାଶ କରିଛି। ମୃତ ଡଲଫିନଟିକୁ ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର ପ୍ରକୃତ କାରଣ କଣ ବୋଲି ଜଣାପଡ଼ିବ ବୋଲି କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି ।

## ଏକାଧିକ ସ୍ୱତନ୍ତ୍ର ଟ୍ରେନକୁ ନିୟମିତ ଏକ୍ସପ୍ରେସରେ ପରିଣତ କଲା ଭାରତୀୟ ରେଳବାଇ

ଭୁବନେଶ୍ୱର, ୧୭।୬(ନି.ପ୍ର.): ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ନିରନ୍ତର ଓ ସୁବିଧାଜନକ ଯାତ୍ରା ସେବା ଯୋଗାଇବା ଉଦ୍ଦେଶ୍ୟରେ, ଭାରତୀୟ ରେଳବାଇ ପୂର୍ବରୁ ସ୍ୱତନ୍ତ୍ର (ସ୍ପେଶାଲ) ଟ୍ରେନ୍ ଭାବରେ ଚାଲୁଥିବା କିଛି ଟ୍ରେନକୁ ନିୟମିତ କରିବା ପାଇଁ ଅନୁମୋଦନ କରିଛି। ଏହା ଦ୍ୱାରା ଯାତ୍ରୀମାନେ ଅଧିକ ସୁବିଧା, ସ୍ଥିରତା ଓ ନିର୍ଭରଯୋଗ୍ୟ ରେଳ ସେବାର ଲାଭ ଉଠାଇପାରିବେ। ୧. ଟ୍ରେନ ନମ୍ବର ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ସ୍ପେଶାଲ୍ ଏବେ ଟ୍ରେନ ନମ୍ବର ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ।୨. ସେହିପରି, ଟ୍ରେନ ନମ୍ବର ୦୮୪୩୯/୦୮୪୪୦ ପୁରୀ-ପାଟନା-ପୁରୀ ସ୍ପେଶାଲ୍ ଏବେ ଟ୍ରେନ ନମ୍ବର ୧୮୪୦୫/୧୮୪୦୬ ପୁରୀ-ପାଟନା-ପୁରୀ ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ। ୩. ଟ୍ରେନ୍ ନମ୍ବର ୦୮୫୮୩/୦୮୫୮୪ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୭/୧୮୫୦୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ। ଟ୍ରେନ୍ ନମ୍ବର ୦୮୫୮୧/୦୮୫୮୨ ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୯/୧୮୫୧୦ ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ। ଟ୍ରେନ୍ ନମ୍ବର ୦୮୫୪୭/୦୮୫୪୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୫/୧୮୫୦୬ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ। ଟ୍ରେନ୍ ନମ୍ବର ୦୮୫୭୯/୦୮୫୮୦ ବିଶାଖାପାଟଣା-ଚର୍ଲାପାଲି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୨୭/୧୮୫୨୮ ବିଶାଖାପାଟଣା-ଚର୍ଲାପାଲି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚାଲିବ। ଏହି ଟ୍ରେନଗୁଡ଼ିକ ସ୍ୱତନ୍ତ୍ର ଟ୍ରେନ ଭାବରେ ଚଳାଚଳ କରିବା ଦିନଠାରୁ ଯାତ୍ରୀମାନଙ୍କର ଉତ୍ସାହଜନକ ସମର୍ଥନ ପାଇଆସୁଛିୟ ନିରନ୍ତର ଚାହିଦା ଏବଂ ଉନ୍ନତ ରେଳ ସଂଯୋଗୀକରଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ଏହି ଟ୍ରେନଗୁଡ଼ିକର ନିୟମିତ ସେବାରେ ପରିଣତ କରାଯିବା ଦ୍ୱାରା ଯାତ୍ରୀମାନେ ବହୁତ ଉପକୃତ ହେବେ।

## ସୁନା ଅଳଙ୍କାର ସମେତ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଡେଲାଙ୍ଗ, ୧୭।୩ ଡେଲାଙ୍ଗ ଥାନା ହାଟଡେଲାଙ୍ଗ ଫାଣ୍ଡି ଅଧିନରେ ଥିବା ପୁରୁଣା ଡେଲାଙ୍ଗ ଗ୍ରାମରେ ସୋମବାର ରାତିରେ କେତେକ ଦୁର୍ବୃର୍ତ୍ତ ଘରେ କେହି ନଥିବାର ସୁଯୋଗନେଇ ସୁନା ଅଳଙ୍କାର ସମେତ ଟଙ୍କା ଚୋରୀ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତିକରି ଡେଲାଙ୍ଗ ଥାନାରେ ୭୫/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚଳାଇଥିବା ପୋଲିସ ଠାରୁ ସୁଚନା ମିଳିଛି ।

ତେବେ ମିଳିଥିବା ସୁଚନାମୁତାବକ ପୁରୁଣା ଡେଲାଙ୍ଗ ଗ୍ରାମରେ ରାତି ସାଢେ ଆଠଟା ସମୟ ହେବ ଅଶୋକ କୁମାର ସାହୁଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଦୁଇଜଣ ଦୁର୍ବୃର୍ତ୍ତ ପ୍ରଥମେ ତାଙ୍କ ଘର ବାରିପଟ କବାଟ ବାଡେଇଥିଲେ । ଅଶୋକଙ୍କ ବଡଭାଉଜ ବାରିପଟ କବାଟ ଖୋଲିଲା ବେଳକୁ ୨ଜଣ ମୁହଁରେ ମୁଖା ପିନ୍ଧି ହାତରେ ଗ୍ଲୋବ୍ସ ଲଗାଇ ହାତରେ ଛୁରୀ ଧରି ବେକରେ ଲଗାଇ ଘରେ ପଶି ଯାଇଥିଲେ ।

ଘରେ ଥିବା ସୁନା ଅଳଙ୍କାର ସମେତ ୫୫ହଜାର ଟଙ୍କା ସହ ଘରର ସମସ୍ତ କାଗଜପତ୍ରକୁ ନେଇ ବାରିପଟ ଅନ୍ଧାର ରାସ୍ତାରେ ଚାଲି ଯାଇଥିଲେ। ଦୁଇ ଭାଇ ବଜାରରେ ବ୍ୟବସାୟ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ । କିଛି ସମୟ ପରେ ଭାଉଜ ଙ୍କ ଠାରୁ ଫୋନ ଯୋଗେ ଖବର ପାଇ ଘରକୁ ଯାଇ ଦେଖିଲା ବେଳକୁ ଘରୁ ଦୁର୍ବୃର୍ତ୍ତମାନେ ସବୁ ଚୋରୀ କରି ନେଇଯାଇଥିବା ଅଶୋକ ତାଙ୍କ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗକୁ ଭିତିକରି ଡେଲାଙ୍ଗ ଥାନାରେ ଏସମ୍ପର୍କରେ ଏକ ମାମଲା ରୁଜୁ କରାଯିବା ସହ ଘଟଣାସ୍ଥଳରେ ପୋଲିସ ପହଂଚି ତଦନ୍ତ ଚଳାଇଥିବା ନେଇ ହାଟଡେଲାଙ୍ଗ ଫାଣ୍ଡି ଅଧିକାରୀ ନାରାୟଣ ବେହେରା ସୁଚନା ଦେଇଛନ୍ତି।

## ସେମିଳିଗୁଡା ବାର୍ ଆସୋସିଆସନର ନିର୍ବାଚନ ପ୍ରକ୍ରିୟା

### ବିଜ୍ଞପ୍ତି ପାଇଲା ପ୍ରତିଦ୍ୱନ୍ଦିଙ୍କ ପ୍ରାର୍ଥିପତ୍ର ତାଲିକା

କୋରାପୁଟ, ୧୭।୩(ନି.ପ୍ର.): ସେମିଳିଗୁଡା ଓକିଲ ସଂଘର ନିର୍ବାଚନି ପକ୍ରିୟାରେ ଆବେଦନ କରିଥିବା ବିଭିନ୍ନ ପଦପଦବୀରେ ଯୋଗ୍ୟ ବିବେଚିତ ହୋଇଥିବା ପ୍ରାର୍ଥିମାନଙ୍କ ତାଲିକ ପ୍ରକାଶ ପାଇଛି। ପ୍ରତିଦ୍ୱନ୍ଦିତା କରୁଥିବା ପଦବୀ ସଭାପତି ପାଇଁ କୃତିବାସ ରାଉତ , ସନ୍ତୋଷ କୁମାର ଦାଶ ସହିତ ନିଦ୍ୱନ୍ଦରେ ରେ ସଂପାଦକ ଚିତ ରଂଜନ ମହାରଣା, ଯୁଗ୍ମ ସଂପାଦକ ସୁବହମ୍ ଡାଲି,କୋଷାଧକ୍ଷ୍ୟ ଅଶ୍ୱନୀ କୁମାର ପଟ୍ଟନାୟକ ନାମ ପ୍ରକାଶ ପାଇଥିବାଜଣା ପଡିଛି। ସଭାପତି ପଦକୁ ନେଇ ଉଭୟ ପ୍ରାର୍ଥିମାନଙ୍କ ମଧ୍ୟରେ ଅଙ୍କା କଷା ଚାଲିଛି, କିଛି ବିଶକ୍ଷ ସୂତ୍ରରୁ ଖବର ପ୍ରକାଶ ପାଉଛି କି ଯେ, ସେ ସଭାପତିନିର୍ବାଚନରେ ନିର୍ବାଚିତ ହୁଅନ୍ତୁ ବାର ପାଇଁ କାମ ନ କଲେ ଆଗାମି ବଳକା ଦିନରେ କେବେମଧ୍ୟ ନିର୍ବାଚନରେ ସଭ୍ୟମାନଙ୍କ ସମର୍ଥନ ମିଳିବ ନାହିଁ ବୋଲି ଆଲୋଚନା ଜୋର ଧରିଥିବା ଜଣା ପଡିଛି।



## ସୋଆରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଭୁବନେଶ୍ୱର , ୧୬ ମାର୍ଚ୍ଚ : ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ କାର୍ଯ୍ୟରତ ମହିଳାମାନଙ୍କ ପକ୍ଷରୁ ସୋମବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ସୋଆର ମହିଳା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।


ଏହି ଅବସରରେ ଶ୍ରୀମତି ଦାସ ନିଜର ଅଭିଭାଷଣରେ କହିଛନ୍ତି ଯେ ପ୍ରତ୍ୟେକ ଅନୁଷ୍ଠାନର ସ୍ୱତନ୍ତ୍ର ଭୂମିକା ରହିଛି। ଶୈକ୍ଷିକ ଉତ୍କର୍ଷତା, ବିକାଶ ଓ ସଶକ୍ତୀକରଣ କ୍ଷେତ୍ରରେ ମହିଳାଙ୍କ ନେତୃତ୍ୱ ନେଇ ସୋଆ ବଦ୍ଧପରିକର।

ଶ୍ରୀମତି ଦାସ କହିଥିଲେ ଯେ ମହିଳାମାନେ ସବୁ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇପାରୁଥିବା ବେଳେ ପରସ୍ପରକୁ ସାହାଯ୍ୟ ଓ ସହଯୋଗ କରିବାର ଆବଶ୍ୟକତା ରହିଛି। କେବଳ ଶିକ୍ଷା କିମ୍ବା ସ୍ୱାସ୍ଥ୍ୟ କ୍ଷେତ୍ରରେ ନୁହେଁ ବରଂ ବିଭିନ୍ନ ବିଭାଗରେ ମହିଳାମାନେ ନିଜର ବହୁମୂଲ୍ୟ ଯୋଗଦାନ ଦେଇ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ଦୃଷ୍ଟିରୁ ସେମାନେ ବିଶ୍ୱବିଦ୍ୟାଳୟ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଆନନ୍ଦ ବ୍ୟକ୍ତ କରିଛନ୍ତି ଶ୍ରୀମତି ଦାସ।

ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି, ସୋଆର କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ସୋଆ ଓ ସୁମା ରିୟଲ ମିଡିଆର ମହିଳା ନେତୃବର୍ଗ ନିଜର ବକ୍ତବ୍ୟରେ ନାରୀ ସଶକ୍ତୀକରଣ ଏବଂ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ନିଜ ଅନୁଭୂତି ବଖାଣି ଏହି ପ୍ରମୁଖ ମହିଳାମାନେ ଝିଅମାନଙ୍କ ସମେତ ପୁଅମାନଙ୍କୁ ମଧ୍ୟ ଉପଯୁକ୍ତ ସଂସ୍କାର ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ରୁଚି ଭୂୟାଁ, ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ଓ ଏସ୍‌ଏନ୍‌ସି -୧ର ଡିନ୍ ପ୍ରଫେସର ସସ୍ମିତା ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ, ପ୍ରଫେସର, ଫ୍ୟାକଲ୍ଟି, କାର୍ଯ୍ୟରତ ମହିଳା କର୍ମଚାରୀ ଏବଂ ସୁମା ରିୟଲ୍ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ମହିଳା ସାମ୍ବାଦିକମାନେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଡିସ୍‌ନାଲ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଆର୍ , ପ୍ରଫେସର ରେଣୁ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ କେନ୍ଦ୍ର ରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ